


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୯ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 JANUARY 2025

Vol.No. 36 ■ No.18 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କାହା ଗୁଳିରେ ହୋଇଛି ନବ ଦାସଙ୍କ ମୃତ୍ୟୁ ?

### ରହସ୍ୟ ବଢ଼େଇଲା ଫୋରେନସିକ୍ ରିପୋର୍ଟର ଖୁଲାସା



ଝାରସୁଗୁଡ଼ା, ୧୮/୧ (ନି.ପ୍ର): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାକୁ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ, ମାମଲାରେ ନୂଆ ମୋଡ଼ ଆଣିଛି ଫୋରେନ୍ସିକ୍ ରିପୋର୍ଟ। ଯେଉଁଥିରେ ଦର୍ଶାଯାଇଛି ନବଙ୍କ ଚଙ୍ଗଡ଼ ଗାଡ଼ିରେ ରହିଛି ପାଞ୍ଚ ପାଞ୍ଚଟି ଗନ୍ ସଟ୍ ହୋଲ୍। ତେଣୁ ସେଦିନ କେବଳ ଅଭିଯୁକ୍ତ ଗୋପାଳ ଦାସ ବନ୍ଧୁକରୁ ଗୁଳି ଫୁଟିଥିଲା, ନା ଆଉ କିଏ ବି ଚଳାଇଥିଲା ଗୁଳି ? ପ୍ରକୃତରେ କାହା ଗୁଳିରେ ଯାଇଥିଲା ନବ ଦାସଙ୍କ ଜୀବନ? ଏହାକୁ ନେଇ ବଡ଼ ସସପେନସ ଦେଖାଦେଇଛି। ନବ ଦାସ ହତ୍ୟା ଘଟଣାରେ ନୂଆ ସସ୍ପେନ୍ସ । ପୁଣି ଚର୍ଚ୍ଚାରେ ସେଇ ବହୁଚର୍ଚ୍ଚିତ ମନ୍ତ୍ରୀ ହତ୍ୟା ମାମଲା । କେବଳ କଣ ସେଦିନ ଗୁଳି ଫୁଟାଇଥିଲା ଗୋପାଳ ଦାସ ? ନା ଆଉ କାହା ବନ୍ଧୁକରୁ ବି ଫୁଟିଥିଲା ରହସ୍ୟମୟ ଗୁଳି ? ୨୦୨୩ ଜାନୁଆରୀ ୨୯ରେ ପାଇଲଟ୍ ଗାଡ଼ି ପରେ ଆଗେ ଆଗେ ନବ ଦାସଙ୍କ ଧଳା ଇନୋଭା କ୍ରିଷ୍ଟା... ଆଉ ତା ପଛକୁ ସେଇ ଏକା ମଡେଲର ଦ୍ୱିତୀୟ ଧଳା ଇନୋଭା କ୍ରିଷ୍ଟା- ଯେଉଁଥିରେ ଗୁଳିମାଡ଼ ଚିହ୍ନକୁ ନେଇ ସୃଷ୍ଟି ହୋଇଛି ସସପେନ୍ସ। ଷ୍ଟେଟ୍ ଫରେନ୍ସିକ୍ ସାଇନ୍ସ ଲାବ୍ରୋଟାରିର ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ଅଛି- ଫେବୃଆରୀ ୨ରେ ଅର୍ଥାତ୍ ଗୁଳିକାଣ୍ଡର ୪ ଦିନ ପରେ ବଡ଼ମାଲ ଥାନା ପରିସରରେ ଥିବା ଗାଡ଼ିକୁ ତନ୍ନତନ୍ନ ଯାଞ୍ଚ କରିଥିଲା ସାଇଣ୍ଟିଫିକ୍ ଟିମ୍। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଗାଡ଼ି ନମ୍ବର ଡଉ ୧୫ଞ ୦୧୮୩। ଆଉ ହୁଏତ ସେଇ ଗୁଳି ଚିହ୍ନ, ଯାହା କଥା ଉଲ୍ଲେଖ ଅଛି ଫରେନ୍ସିକ୍ ରିପୋର୍ଟରେ । ତେବେ କିଏ ଏହି ଦ୍ୱିତୀୟ ଗାଡ଼ିକୁ ମାରିଥିଲା ଗୁଳି ? କାହିଁକି ନବ ଦାସଙ୍କ ପିଏସଓ ଥିବା ଏହି ଗାଡ଼ିକୁ ହୋଇଥିଲା ଫାୟାରିଂ ? ପଛ ଗାଡ଼ିରେ ନବ ଦାସ ଥିବା ଆଶଙ୍କା କରି ହୋଇଥିଲା କି ଗୁଳି? ଫରେନ୍ସିକ୍ ରିପୋର୍ଟ କହୁଛି, ଏଥିରେ ୫ଟି ଗନ୍ ସଟ୍ ହୋଲ୍ ବା ଗୁଳିର କଣା ଚିହ୍ନ ରହିଛି। ପ୍ରଥମଟି ପଛ ଡୋର୍ ବାହାରେ ଏବଂ ପଞ୍ଚମଟି ପଛ ସିଟ୍ ପ୍ଲାଷ୍ଟିକ୍ ସରଫେସରେ ରହିଛି। ୫ଟି ଯାକ ଛିଦ୍ର ଗୋଟିଏ ସରଳ ରେଖାରେ ରହିଛି। ପ୍ରଥମ ଓ ପଞ୍ଚମ ଛିଦ୍ର ମଧ୍ୟରେ ଦୂରତା ଅଛି ୨୮.୪ ସେଣ୍ଟିମିଟର। ଗାଡ଼ିରୁ ଏକ ଫୁଟା ଗୁଳି ମିଳିଥିଲେ ବି ଖୋକା ମିଳିନଥିବା ପ୍ରତିପକ୍ଷ ଓକିଲ କହିଛନ୍ତି। ସେପଟେ କ୍ରାଇମବ୍ରାଞ୍ଚ ରିପୋର୍ଟରେ ଉଲ୍ଲେଖ ଅଛି- ଗିରଫ ଅଭିଯୁକ୍ତ ଗୋପାଳ ଦାସ ବନ୍ଧୁକର ୬ଟି ଗୁଳିରୁ ୩ଟି ଗୁଳି ବ୍ୟବହାର ହୋଇନଥିଲା। ଗୋଟିଏ ନବଙ୍କ ଛାତିରେ ବାଜିଥିଲା, ଗୋଟିକୁ ସେ ବ୍ଲାଙ୍କ୍ ଫାୟାରିଂ କରିଥିଲା ଏବଂ ଅନ୍ୟଟି ଫୁଟିନଥିଲା। ତେଣୁ ଦ୍ୱିତୀୟ ଗାଡ଼ିର ବାମପଟେ ଗୁଳି କିଏ ମାରିଥିଲା,

▶▶ପୃଷ୍ଠା ୭

## ଗାଡ଼ିର ଇନ୍ସ୍ୟୁରାନ୍ସ ନଥିଲେ ଧରିବ ଟୋଲଗେଟ୍ : ଯିବ ଇ-ଚାଲାଣ, ପହିଲାରୁ ହେବ କାର୍ଯ୍ୟକାରୀ




ଭୁବନେଶ୍ୱର, ୧୮/୧(ନି.ପ୍ର) : ଏଣିକି ବୈଧ ଦସ୍ତାବିଜ ନଥାଇ ରାସ୍ତାରେ ମୋଟର ଯାନ ଚଳାଇବା ମହଙ୍ଗା ପଡ଼ିବ । ଯଦି ମୋଟରଯାନର ବୈଧ ଇନ୍ସ୍ୟୁରାନ୍ସ, ପଲ୍ୟୁସନ୍ ଓ ଫିଟନେସ୍ ନଥିବ ତାହା ଇ-ଡିଟେକ୍ସନ୍ ଆପ୍ଲିକେସନ୍ ମାଧ୍ୟମରେ ସହଜରେ ଚିହ୍ନଟ ହେବ । ଏହାସହିତ ଗାଡ଼ି ମାଲିକଙ୍କ ନିକଟକୁ ଇ-ଚାଲାଣ ମଧ୍ୟ ଜାରି ହେବ । ଆସନ୍ତା ଫେବୃୟାରୀ ପହିଲାରୁ ପ୍ରଥମ ପର୍ଯ୍ୟାୟରେ ଇନ୍ସ୍ୟୁରାନ୍ସ (ବୀମା) ନଥିବା ଗାଡ଼ିକୁ ଚିହ୍ନଟ କରି ଇ-ଡିଟେକ୍ସନ୍ ପ୍ରକ୍ରିୟାରେ ଇ-ଚାଲାଣ ପଠାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ପରିବହନ ପ୍ରାଧିକରଣ ଗତ ୨୦୨୨ ମସିହାରୁ ଇ-ଡିଟେକ୍ସନ୍ ଆପ୍ଲିକେସନ୍ ମାଧ୍ୟମରେ ଟୋଲଗେଟ୍ ଗୁଡ଼ିକରେ ମୋଟର ଯାନର ବୈଧ ଦସ୍ତାବିଜ ଅଛି ଯାଂଚ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ଆଜି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ, "ମୋଟରଯାନରେ ବୀମା ନଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବ ଟୋଲଗେଟ୍ । ଇ-ଡିଟେକ୍ସନ ପ୍ରକ୍ରିୟାରେ ଜାରି ହେବ ଇ-ଚାଲାଣ। ଆସନ୍ତା ଫେବୃୟାରୀ ପହିଲାରୁ ରାଜ୍ୟର

## ୫ ଦିନ ପାଇଁ ଶୀତରେ ଥରିବ ଟୁଇନ୍ ସିଟି: ତାପମାତ୍ରା ୧୧ରୁ ୧୩ ଡିଗ୍ରି ହେବା ସମ୍ଭାବନା

ଭୁବନେଶ୍ୱର, ୧୮/୧ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଟୁଇନ୍ ସିଟି କଟକ ଏବଂ ଭୁବନେଶ୍ୱରର ରାତିର ସର୍ବନିମ୍ନ ତାପମାତ୍ରା ୧୧ ରୁ ୧୩ ଡିଗ୍ରି ସେଲସିୟସ ମଧ୍ୟରେ ରହିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରମୁଖ ସହର ଭୁବନେଶ୍ୱର ଏବଂ କଟକର ରାତିର ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୧୨.୩ ଡିଗ୍ରି ଏବଂ ୧୨.୪ ଡିଗ୍ରିକୁ ଖସି ଆସିଛି। ଆସନ୍ତା କିଛି ଦିନ ଧରି ଏଭଳି ସ୍ଥିତି ଦୁଇ ସହରରେ ଜାରି ରହିବ ବୋଲି ଆଶା କରାଯାଉଛି। କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୬ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀ ଏବଂ ଡାରିଙ୍ଗବାଡିର ରାତିର ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୮.୫ ଡିଗ୍ରି ସେଲସିୟସ୍ ଏବଂ ୯ ଡିଗ୍ରି ସେଲସିୟସ୍ ରହିଛି। କୋରାପୁଟରେ ଘନ କୁହୁଡ଼ି ଦେଖିବାକୁ ମିଳିଛି।

## କିଏ ହେବ ରାଜ୍ୟ ବିଜେପି ସଭାପତି ?



ଭୁବନେଶ୍ୱର, ୧୮/୧(ନି.ପ୍ର) : ରାଜ୍ୟ ବିଜେପି ମୁଖିଆ ଚୟନକୁ ନେଇ ବଢୁଛି ସସପେନସ୍ । ଦୀର୍ଘ ଦିନ ଧରି ଅଙ୍କ ଛିଣ୍ଡୁ ନଥିବାରୁ ଏହାକୁ ବିଜେପି ଶିବିରରେ ବଢୁଛି ଚର୍ଚ୍ଚା । ଶାସକ ଦଳ ବିଜେପିର ସଭାପତି ବଦଳିବେ, ନା ପୁଣି ଥରେ ମନମୋହନ ସାମଲ ଦାଇତ୍ୱ ସମ୍ଭାଳିବେ ତାକୁ ନେଇ ଦୀର୍ଘ ଦିନ ହେଲା ଲାଗି ରହିଛି ସସପେନସ୍ । ଗତ କିଛି ଦିନ ହେଲା ଦିଲ୍ଲୀରେ ବିଭିନ୍ନ ଗୋଷ୍ଠୀ ଡେରା ପକାଇବା ସହ ନିଜ ପସନ୍ଦର ନେତାଙ୍କ ପାଇଁ ଲବି କରୁଥିବା ବେଳେ ଆଜି ମନମୋହନ ସାମଲ ମଧ୍ୟ ଦିଲ୍ଲୀରୁ ଭୁବନେଶ୍ୱର ଫେରିଛନ୍ତି । ତେଣୁ ରାଜନୈତିକ କରିଡରରେ ରାଜ୍ୟ ବିଜେପି ମୁଖିଆ ଚୟନକୁ ନେଇ ପୁଣିଥରେ ବଢିଛି ଚର୍ଚ୍ଚା । ତେବେ ସାଂଗଠନିକ କାର୍ଯ୍ୟକର୍ତ୍ତାଙ୍କ ମତାମତ ଦିଲ୍ଲୀ ଯାଇ

▶▶ପୃଷ୍ଠା ୭

## ସୂର୍ଯ୍ୟମନ୍ଦିର କାରୁକାର୍ଯ୍ୟ ଦେଖି ବିମୋହିତ ସିଙ୍ଗାପୁର ରାଷ୍ଟ୍ରପତି

ଭୁବନେଶ୍ୱର, ୧୮/୧(ନି.ପ୍ର) : ଓଡ଼ିଶାରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସଂନୁଗରନ୍ନମ। ଆଜି ସେ ଓ ତାଙ୍କ ଡେଲିଗେସନ୍ ଟିମ୍ ପୁରୀର ଶିଳ୍ପୀଗ୍ରାମ ଭାବେ ପରିଚିତ ରଘୁରାଜପୁର ଓ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଓଡ଼ିଶାର କଳା ଓ ସଂସ୍କୃତିକୁ ଅତି ପାଖରୁ ଦେଖି ବିମୋହିତ ହୋଇଥିଲେ। ଏହି ଅବସରରେ ଶିଳ୍ପୀ ଗ୍ରାମ ରଘୁରାଜପୁରର ଶିଳ୍ପୀମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହିତ ପଟ୍ଟଚିତ୍ର ଉପହାର ଦେଇଥିଲେ। ତ୍ରୟୋଦଶ ଶତାବ୍ଦୀର ଆଶ୍ଚର୍ଯ୍ୟ ତଥା ପୂର୍ବ ଭାରତର ଏକ ମାତ୍ର ବିଶ୍ୱ ଐତିହ୍ୟ ଓ ଓଡ଼ିଶାର ଗୌରବମୟ ପ୍ରାଚୀନ ସମୃଦ୍ଧ ଇତିହାସର ମୂକସାକ୍ଷୀ ହେଉଛି କୋଣାର୍କ ସୂର୍ଯ୍ୟମନ୍ଦିର। ଏହାର ପ୍ରସ୍ତର ଉପରେ ଥିବା ବାରସହ ବଢେଇଙ୍କ ନିହାଣ ମୁନର ନିଖୁଣ କୀର୍ତିରାଜିକୁ ଦେଖିବା ସହ ମନ୍ଦିର ଗର୍ଭରେ ଥିବା ଅସଂଖ୍ୟ ହାତୀମୂର୍ତି ଓ ଆମ ପ୍ରାଚୀନ ନୌବାଣିଜ୍ୟ ବା ବୈଦେଶିକ ସମ୍ପର୍କର ଗାଥା ବଖାଣୁଥିବା ଆଫ୍ରିକୀୟ ଓ ଭାରତୀୟଙ୍କ ମଧ୍ୟରେ ଜିରାଫ ଓ ହାତୀ ଉପହାର ପ୍ରଦାନର ମୂର୍ତ୍ତି ଦେଖି ରାଷ୍ଟ୍ରପତି ଆଶ୍ଚର୍ଯ୍ୟ ହୋଇଥିଲେ। ରାଷ୍ଟ୍ରପତି ଓ ତାଙ୍କ ସହକର୍ମୀମାନେ ପ୍ରଥମେ ଆଇଓସିଏଲର ବାଖ୍ୟାନ କେନ୍ଦ୍ରରେ ଥିବା

▶▶ପୃଷ୍ଠା ୭

## ୩ ମାଓବାଦୀ ଗିରଫ


ମାଲକାନଗିରି, ୧୮/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଲଗାତାର ଅପରେସନ ଯୋଗୁ ନକ୍ସଲ ଏବେ ଦୁର୍ବଳ ଓ ଭୟଭୀତ ହେଲେଣି। ଧିରେ ଧିରେ ସଂଗଠନ ଛାଡି ଛାମୁଆ ନେତାମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରୁଥିବା ବେଳେ କିଛି ଗିରଫ ହେଲେଣି। ଏହି କ୍ରମରେ ସୁକମା ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଚିନ୍ତାଗୁମ୍ଫା ଥାନା ଅଞ୍ଚଳର ଅରନପାଲ୍ଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ କିଛି ସନ୍ଦିଗ୍ଧ ଯବାନଙ୍କୁ ଦେଖି ଲୁଚିବା ଏବଂ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯବାନ ଜଙ୍ଗଲକୁ ଘେରି ୩ ଜଣ ନକ୍ସଲକୁ ଗିରଫ କରିବାରେ ସଫଳ ହୋଇଥିଲେ। ସେମାନଙ୍କୁ ଧରି ପଚରାଉଚରା କରିବା ପରେ ସେମାନେ ନକ୍ସଲ ସଂଗଠନରେ ସକ୍ରିୟ ଭାବେ କାମ କରୁଥିବା ସ୍ୱୀକାର କରିଥିଲେ। ଗିରଫ ହୋଇଥିବା ମାଓବାଦୀମାନେ ହେଲେ ବସ୍ତର ଡିଭିଜନ କୃଷି ଟିମର ସଦସ୍ୟ ମଡକମ ନନ୍ଦା(୨୪), ଜନତାନା ସରକାର ସଦସ୍ୟ କାବାସି ଲଖମା(୩୭) ଏବଂ ଡିଏକେ ଏମଏସ ଅଧ୍ୟକ୍ଷ ମଡକମ ନନ୍ଦା(୩୫)। ସେମାନଙ୍କ ମଧ୍ୟରୁ କୃଷି କମିଟି ସଦସ୍ୟ ମଡକମ ନନ୍ଦାଙ୍କ ଉପରେ ୨ ଲକ୍ଷ ଟଙ୍କା ଏବଂ ଡିଏକେଏମଏସ ଅଧ୍ୟକ୍ଷ ମଡକମ ନନ୍ଦାଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।

## ନକ୍ସଲ ସୁଡଙ୍ଗ ଠାବ: ସୁଡଙ୍ଗରେ ବୋମା ଓ ବନ୍ଧୁକ ତିଆରି କାରଖାନା

ମାଲକାନଗିରି, ୧୮/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର,ସୁକମା ଏବଂ ତେଲେଙ୍ଗାନା ସୀମାରେ ଗତ ଦୁଇ ଦିନ ତଳେ ହୋଇଥିବା ବଡ଼ ଧରଣର ଅପରେସନରେ ୧୨ ଜଣ ନକ୍ସଲ ମୃତ୍ୟୁ ବରଣ କରିଥିଲେ। ଏଥିରେ ୫ ଜଣ ମହିଳା ନକ୍ସଲ ଥିବାବେଳେ ୭ ଜଣ କ୍ୟାଡର ନକ୍ସଲ ମୃତ୍ୟୁବରଣ କରିଥିଲେ। ବିଜାପୁର ଜିଲ୍ଲା ସୀମାରେ ରହିଥିବା ତୁମରେଲ ଏବଂ ତଲପେରୁ ନଦୀ ମଧ୍ୟରେ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରେ ଏକ ବିଶାଳ ସୁଡଙ୍ଗ ଠାବ କରିଛନ୍ତି।

▶▶ପୃଷ୍ଠା ୭

## ୪ ଲକ୍ଷ ଆୟକର ଦାତା ନେଉଥିଲେ ରାସନ: ଯାଞ୍ଚ କରିବେ ସରକାର



ଭୁବନେଶ୍ୱର, ୧୮/୧(ନି.ପ୍ର) : ରାଜ୍ୟରେ ୪ ଲକ୍ଷ ଆୟକର ଦାତା ନେଉଥିଲେ ରାସନ। ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜି ଗଣମାଧ୍ୟମରେ ଏଭଳି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ଖାଉଟି ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର। ସେ କହିଛନ୍ତି, ୪ ଲକ୍ଷ ଆୟକର ଦାତା ରାସନ ନେଉଥିବା ତଥ୍ୟ ଆସିଛି। ଫିଲ୍ଡ ଭେରିଫିକସନ୍ କଲା ପରେ ସତ ଜଣାପଡ଼ିବ। ଯେଉଁମାନେ ଆୟକର ଦେଉଛନ୍ତି, ସେମାନେ ଯଦି ରାସନ କାର୍ଡ ପାଉଛନ୍ତି ବୋଲି ଜଣାପଡ଼ିବ, ତାହାହେଲେ ସେମାନଙ୍କର କାଟି ଦିଆଯିବ। ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେୱାଇସି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଯେଉଁସ୍ଥାନରେ ଇ-କେୱାଇସି ସରି ନାହିଁ, ଜିଲ୍ଲା ଅଧିକାରୀଙ୍କୁ ତୁରନ୍ତ ଶେଷ କର ବୋଲି କୁହାଯାଇଛି। ୩୧ ଜାନୁଆରୀ ସୁଦ୍ଧା ସାରିବାକୁ ସେମାନଙ୍କୁ ଟାର୍ଗେଟ ଦିଆଯାଇଛି, ଏହା ଭିତରେ ସରିଯିବା ପରେ ସ୍ପଷ୍ଟ ହେବ କେତେ ଭୂତ ରାସନକାର୍ଡଧାରୀ ଅଛନ୍ତି। ଯୋଗ୍ୟ ହିତାଧିକାରୀ ଜଣେ ବି କଟିବେ ନାହିଁ।

▶▶ପୃଷ୍ଠା ୭

## ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮/୧ (ନି.ପ୍ର): ସିଙ୍ଗାପୁର ସରକାରଙ୍କ ସହ ଓଡ଼ିଶା ସରକାରଙ୍କର ୮ଟି ଗୁରୁତ୍ୱପୂର୍ଣ୍ଣ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଓଡ଼ିଶାରେ ପୁଞ୍ଜି ନିବେଶ ହେବା ସହ ସହରାଞ୍ଚଳ ଯୋଜନା, ବନ୍ଦର ପରିଚାଳନା, ଲଜିଷ୍ଟିକ୍ସ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଧିକ ସହଯୋଗର ସମ୍ଭାବନା ସୃଷ୍ଟି ହେବ। ରାଜ୍ୟରେ ୫ ହଜାର କୋଟିର ନିବେଶ ହେବାର ଆଶା ରହିଛି। ଲୋକସେବା ଭବନରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ନେତୃତ୍ୱ ନେଇ ଦିଲ୍ଲୀ ଏବଂ ବମ୍ବେରେ ଆମେ ରୋଡ୍ ସୋ' କରିଥିଲୁ । ସିଙ୍ଗାପୁରକୁ ଆମ ସରକାରଙ୍କର ଟିମ୍ ଗସ୍ତ କରିଥିଲେ। ଟିମ୍ ସଦସ୍ୟମାନେ ଶିଳ୍ପପତିମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ । ପାରାଦୀପରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ' ହେବ । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ ରାଜ୍ୟ ସରକାରଙ୍କର ସକାରାତ୍ମକ ଆଲୋଚନା ହୋଇଛି। ଓଡ଼ିଶାକୁ ଆଗକୁ ନେବା ପାଇଁ ଏହା ଉପଯୁକ୍ତ ସମୟ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ଫୋକସରେ ରଖିଛନ୍ତି । ଓଡ଼ିଶା ବିକଶିତ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ। ରାଜ୍ୟରେ ବିଜେପି ସରକାରକୁ ୭ ମାସ ପୂରଣ ହୋଇଛି। ଆମ ସରକାର କହିଥିବା କଥା ପୂରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯାହାକି ପୁଞ୍ଜି ନିବେଶ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନମୁଗରନ୍ନମଙ୍କ

▶▶ପୃଷ୍ଠା ୭

## ୧୬୧ ଦିନ ପରେ କୋଲକାତା 'ନିର୍ଭୟା'ଙ୍କୁ ନ୍ୟାୟ: ସଞ୍ଜୟ ରାୟ ଆର.ଜି କର ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ



କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟ ଦୋଷୀ ସାବ୍ୟସ୍ତ ହୋଇଛି। ସିଆଲଦାହର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ତାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସନ୍ତା ସୋମବାର ତାର ଦଣ୍ଡ ଶୁଣାଣି କରିବେ କୋର୍ଟ। କୋର୍ଟଙ୍କ ଏହି ରାୟ ଆସିବା ବେଳେ ମୃତ ଟ୍ରେନି ଡାକ୍ତରଙ୍କ ବାପା ସେଠାରେ ଉପସ୍ଥିତ ଥିଲେ। ସେ କାନ୍ଦି ଥିଲେ ଓ ବିଚାରପତିଙ୍କୁ କହିଥିଲେ, ଆପଣଙ୍କ ଉପରେ ମୋର ସଂପୂର୍ଣ୍ଣ ବିଶ୍ୱାସ ଥିଲା। ଆମ ବିଶ୍ୱାସକୁ ସମ୍ମାନ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟରେ ଉପସ୍ଥିତ ସଞ୍ଜୟ ରୟ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲା। ସେ କହିଥିଲା, ମୁଁ ମୋ ବେକରେ ସବୁବେଳେ ରୁଦ୍ରାକ୍ଷର ଏକ ମାଳ ପିନ୍ଧେ। ଯଦି ମୁଁ ଅପରାଧ କରିଥିଲି, ତା'ହେଲେ ଘଟଣାସ୍ଥଳରେ ମୋର ସେହି ରୁଦ୍ରାକ୍ଷ ମାଳ ଛିଣ୍ଡି ପଡ଼ିଥିବା କଥା। ମୁଁ ଏହି ଅପରାଧ କରି ନାହିଁ। ମୋତେ ଫସାଇ ଦିଆଯାଇଛି। ଯେଉଁମାନେ ମୋତେ ଫସାଇ ଦେଇଛନ୍ତି, ସେମାନଙ୍କୁ ଜାମିନ୍ ମିଳିଛି। ସେମାନଙ୍କୁ କାହିଁକି ଛଡ଼ାଗଲା ବୋଲି ସେ ପ୍ରଶ୍ନ କରିଥିଲା। ଏହା ଶୁଣି ଜଜ୍ କହିଥିଲେ ଯେ କୋର୍ଟ ସୋମବାର ତୁମ ଯୁକ୍ତି ଶୁଣିବେ। ବର୍ତ୍ତମାନ ତୁମକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଉଛି। ସଞ୍ଜୟ ରୟଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪ (ଦୁଷ୍କର୍ମ), ଧାରା ୬୬ (ମାରିଦେବା ପାଇଁ ଦଣ୍ଡ) ଓ ଧାରା ୧୦୩-୧(ହତ୍ୟା)ରେ ମାମଲା ରୁଜୁ ହୋଇଥିଲା। ଧାରା ୬୪ ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ହୋଇଥିବା ବେଳେ ଧାରା ୬୬ ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ଏବଂ ୧୦୩ (୧) ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ରହିଛି। ତେଣୁ ସୋମବାର କୋର୍ଟ ସଞ୍ଜୟ ରୟକୁ କି ଦଣ୍ଡ ଶୁଣାଇବେ, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଆଜି କୋର୍ଟଙ୍କ ରାୟ ଆସିବା ପରେ କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର କହିଛନ୍ତି, କୋର୍ଟ ତାଙ୍କୁ (ସଞ୍ଜୟ ରୟ) ଦୋଷୀ ସାବ୍ୟସ୍ତ କରିଛନ୍ତି।

▶▶ପୃଷ୍ଠା ୭

# ୨୦ ତମ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଓ ଦ୍ୱିତୀୟ ଆନ୍ତଃବିଦ୍ୟାଳୟ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ପ୍ରାୟ ୩୦୦ଜଣ ଛାତ୍ର ଛାତ୍ରୀଙ୍କ ଅଂଶଗ୍ରହଣ

ରାଉରକେଲା, ୧୮/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପରିଚାଳିତ ସେକ୍ଟର - ୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ୨୦ ତମ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଓ ଦ୍ୱିତୀୟ ଆନ୍ତଃ ବିଦ୍ୟାଳୟ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଜାନୁଆରୀ ୧୭ ତାରିଖରେ ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଉଦଘାଟନ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସି ଏସ ଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି କେ ସ୍ୱାଇଁ, ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଟି ଜି କାନେକର ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ, ଉକ୍ତ ଦିନିକିଆ ପ୍ରଦର୍ଶନୀରେ ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



ଶ୍ରୀ ବେହୁରିଆ ଛାତ୍ର ଛାତ୍ରୀଙ୍କର ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ସେଗୁଡିକରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ ଏବଂ ସେମାନଙ୍କ ସହିତ ପ୍ରକଳ୍ପ ବିଷୟରେ ମତବିନିମୟ କରିଥିଲେ । ଚଳିତ ବର୍ଷର ପ୍ରଦର୍ଶନୀର ବିଷୟବସ୍ତୁ ହେଉଛି 'ସ୍ଥାୟୀ ବସବାସ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି'। ବିଜ୍ଞାନ ପ୍ରଦର୍ଶନୀରେ ୨୦୦ ଜଣ ଛାତ୍ରଛାତ୍ରୀ ୧୦୦ ଟି ପ୍ରକଳ୍ପ ଉପସ୍ଥାପନ କରିଥିଲେ।

ଅଂଶଗ୍ରହଣକାରୀମାନେ ଦୈନନ୍ଦିନ ଜୀବନରେ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା ଏବଂ ରୋବୋଟିକ୍ସ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର, ଇ-ଆବର୍ଜନା ପରିଚାଳନା, ପରିବେଶ ଅନୁକୂଳ କୃଷି ଏବଂ ଗଣିତର ଯାଦୁ ଏବଂ ଏଭଳି ଅନେକ ଅଭିନବ ପ୍ରକଳ୍ପ ମାଧ୍ୟମରେ ସେମାନଙ୍କର ବୈଜ୍ଞାନିକ ଚିଂତାଧାରାର ପ୍ରଦର୍ଶନ କରିଥିଲେ।

ଅନୁରୂପ ଭାବେ ପ୍ରଥମ ଆନ୍ତଃ ବିଦ୍ୟାଳୟ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୨ଟି ବିଦ୍ୟାଳୟର ୮୦ ଜଣ ଛାତ୍ରଛାତ୍ରୀଙ୍କ କଳା ପ୍ରତିଭା ପ୍ରଦର୍ଶନ କରାଯାଇଥିଲା। କଳା ପାଇଁ ବିଷୟବସ୍ତୁ ଥିଲା ରଥଯାତ୍ରା ଏବଂ ହସ୍ତଶିଳ୍ପ ପାଇଁ ବିଷୟବସ୍ତୁ ଫୁଲଦାନୀ ସହିତ କାଗଜ ଫୁଲ ଗୁଚ୍ଛ ରହିଥିଲା। ପ୍ରଦର୍ଶନୀର ଅନ୍ୟ ଆକର୍ଷଣ ମଧ୍ୟରେ ଆନ୍ତଃ ସ୍କୁଲ ପଥର ସାଜସଜ୍ଜା, ଫୁଲ ପାଖୁଡା ସାଜସଜ୍ଜା ଏବଂ ଫୁଲ ଗୁଚ୍ଛ ସାଜସଜ୍ଜା ସାମିଲ ଥିଲା।

ଏହି ପ୍ରଦର୍ଶନୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସେମାନଙ୍କର ବୈଜ୍ଞାନିକ ଏବଂ କଳାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା, ଯାହାକି ନୂତନତ୍ୱ ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିଥିଲା।

ଆଇଇଏମଏସର ଅଧ୍ୟକ୍ଷା ଡକ୍ଟର ସୁଶ୍ରୀତା ଦାସ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନନ୍ଦିନୀଗୁଡା ବାଳିକା ଉଚ୍ଚ ବିଦ୍ୟାଳୟରେ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି, ୧୮/୧ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ଗ୍ରାମପଂଚାୟତର ନନ୍ଦିନୀଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୁଲ୍ୟରେ ତୃତୀୟ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ୍ୱାଗା ମାଢୀ ଓ ଏଥିରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ର ଅଧ୍ୟକ୍ଷ ବିଘ୍ନ କିର୍ଷାନୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ରାସବେଡା ସରପଂଚ ପ୍ରମିଳା ଗୁଣ୍ଡା, ଓ୍ୱାଗା ମାଢୀ, ଦିଦାୟୀ କଲ୍ୟାଣ ଅଧିକାରୀ ହରମନ ଲାକ୍ରା, ପୁରୁଣାଗୁମ୍ମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ଖଇରପୁଟ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ନାୟକ, ବିଦ୍ୟାଳୟ ପରିଚାଳନା ସଭାପତି ସୁନାଧର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ସମସ୍ତ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ତୈଳ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରିଥିଲେ ଓ ଛାତ୍ରଛାତ୍ରୀ ମାନେ ସମବେତ କଣ୍ଠରେ ସଙ୍ଗୀତ ଗାନ କରି ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ମାଢୀ ବିଦ୍ୟାଳୟ ର ବିଭିନ୍ନ ଉପଲବ୍ଧି ଓ ସମସ୍ୟା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ତା ମଧ୍ୟରୁ ନୂତନ ଭାବେ ତିଆରି ହୋଇଥିବା ନିକଟତମ ବିଦ୍ୟାଳୟ କୁ ସ୍ଥାନାନ୍ତରିତ ସମସ୍ୟା କୁ ଉଲ୍ଲେଖ କରି କହିଥିଲେ ଯେ କିଛି ଆନୁସଙ୍ଗିକ ଓ ଭିତିଭୂମିର ଆବଶ୍ୟକତା କାରଣରୁ ଉକ୍ତ ନୂତନ ବିଦ୍ୟାଳୟ କୁ ସ୍ଥାନାନ୍ତରିତ ହୋଇପାରୁନାହିଁ ଓ ଏହାର ଉଚିତ ତ୍ୱରିତ ସମାଧାନ ନିମନ୍ତେ ଜିଲ୍ଲା କଲ୍ୟାଣ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ କିର୍ଷାନୀ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ପ୍ରତ୍ୟେକ ପିଲାମାନେ ଆମ ଦେଶ ଭାରତମାତା କୁ ସମ୍ମାନ ଦେବା ସହ ନିଜକୁ ଏହାର ସେବାରେ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ସମସ୍ତ ଅତିଥି ମାନେ ବିଦ୍ୟାଳୟର ବିଭିନ୍ନ କୃତି ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ ଓ ଶେଷରେ ନନ୍ଦିନୀଗୁଡା ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ, ଯାହାକୁ ସମସ୍ତେ ଉତ୍ସୁକତାର ସହ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲା ବେଳେ ଶିକ୍ଷକ ଉମାଶଙ୍କର ଦାସ ମଂଚ ପରିଚାଳନା କରିଥିବା ଜଣାପଡିଛି ।

# ପୁରୁଣା ସରକାରୀ ବସଷ୍ଟାଣ୍ଡରେ ଥିବା ୧୪ ଦୋକାନୀଙ୍କୁ ନୂତନ ବସଷ୍ଟାଣ୍ଡରେ ଷ୍ଟଲ୍ ଦେବାକୁ ଦାବି

ଜୟପୁର, ୧୮/୧ (ନି.ପ୍ର): ଜୟପୁର ପୁରୁଣା ସରକାରୀ ବସଷ୍ଟାଣ୍ଡ ରେ ଥିବା ୧୪ଟି ଦୋକାନକୁ ନୂତନ ବସଷ୍ଟାଣ୍ଡରେ ଷ୍ଟଲ ଦେବା ପାଇଁ ଦାବି କରାଯାଇଛି । ଏନେଇ ଆଜି ଦୋକାନୀ ମାନେ ଏକତ୍ରିତ ହୋଇ ଜୟପୁର ଉପ ଜିଲାପାଳ ଓ ଓଏସଆରଟିସିର ଡିଟିଏମ ଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ । ଦୋକାନୀମାନେ ଦାବି କରିଥିଲେ ଯେ, ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟରେ ଧରି ପୁରୁଣା ସରକାରି ବସଷ୍ଟାଣ୍ଡରେ ପେପର ଏଜେନ୍ସି, ହୋଟେଲ, ଚା ଦୋକାନ, ପାନ ଦୋକାନ, ମିଠା ଦୋକାନ କରି ଜୀବନ ନିର୍ବାହ କରୁଛୁ । ବର୍ତ୍ତମାନ ନୂତନ ବସଷ୍ଟାଣ୍ଡ ହୋଇଛି ସେଠାରୁ ସବୁ ସରକାରୀ ବସ ଚଳାଚଳ କରୁଛି । ପ୍ରଶାସନ ନୂତନ ବସଷ୍ଟାଣ୍ଡରେ ୧୪ ଜଣ ଦୋକାନୀଙ୍କୁ ଷ୍ଟଲ ଦେବା ପାଇଁ ଦାବି କରାଯାଇଛି । ଷ୍ଟଲ ଦେଲେ ସେଠାରେ ଦୋକାନ କରି ପରିବାର ପ୍ରତି ପୋଷଣ କରିବୁ । ସରକାରୀ ବସଷ୍ଟାଣ୍ଡର ୩୦ ଷ୍ଟଲ ଓ ୨ଟି ହୋଟେଲକୁ ଗୋଟିଏ ଦିବ୍ୟାଙ୍ଗ ଓ ଅନ୍ୟଟି ଏସଏଚଜି ମହିଳାଙ୍କୁ ଟେଣ୍ଡର ମଧ୍ୟମରେ ଦେବାକୁ ପ୍ରଶାସନ ସ୍ଥିର କରିଛି । ଏହାକୁ ନେଇ ପୁରୁଣା ବସଷ୍ଟାଣ୍ଡର ଦୋକାନି ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ୩୦ଟି ଷ୍ଟଲରୁ ୧୪ଟି ଷ୍ଟଲ ପୁରୁଣା ଦେକାନି ମାନଙ୍କୁ ଦିଆଯାଉ ଆଉ ବଳକା ୧୬ଟି ଷ୍ଟଲକୁ ଟେଣ୍ଡର କରିବାକୁ ଦାବି କରାଯାଇଛି ।

## ଗଡପଦର ଓ ପାଲ୍ଲିଗୁଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୧୮/୧ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଗଡପଦର ଓ ପାଲ୍ଲିଗୁଡା ଜଙ୍ଗଲରେ ଆଜି ଆବକାରି ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଛି ।

# ନୂତନ ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

ଜୟପୁର, ୧୮/୧ (ନି.ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ ନେଇ ସୂଚନା ମିଳିଛି ଓ ଶ୍ରୀମତୀ ପ୍ରିୟମ୍ବଦା ପାତ୍ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ କର୍ମାନ୍ତର ପ୍ରେରଣ କରାଯାଇଛି ଓ ଦୀର୍ଘଦିନ ଧରି ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିଲା ୩ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ସ୍ଥାନରେ ଜଣେ ମାତ୍ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ସତପଥି କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରୁ କର୍ମାନ୍ତର ପ୍ରେରଣ ରେ ଆସି କାର୍ଯ୍ୟ କରୁଥିଲେ ଆଜି ଶ୍ରୀମତି ପାତ୍ର ଯୋଗଦାନ କୁ ନେଇ ଶ୍ରୀ ସତପଥି ଆସ୍ୱସ୍ତି ଲାଭ କରିଥିବା ସୁଚନା ମିଳିଛି ଓ ପ୍ରକାଶ ଥାଉକି ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଜୟପୁର ଭଳି ସ୍ଥାନରେ ଦୀର୍ଘ ଦିନ ଧରି ପଦବୀ ଗୁଡିକ ଖାଲି ପଡିବା ଯୋଗୁଁ କାର୍ଯ୍ୟାଳୟର କାର୍ଯ୍ୟ ରେ ଅସୁବିଧା ହେଉଥିବା ଚର୍ଚ୍ଚା ର ବିଷୟ ପାଲଟିଛି ଅପର ପକ୍ଷରେ ନିୟମିତ ଚପରାସି କେହି ଜଣେ ମଧ ନଥିବା ଯୋଗୁଁ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶ୍ରୀମତି ପାତ୍ର ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ଓ ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ, ବିଭାଗୀୟ ଅଧିକାରୀ ପଦ୍ମେଶ୍ୱର ବିଷୟୀ, ବରିଷ୍ଠ ସହାୟକ ଶଶୀ ଭୂଷଣ ଦାଶ, କନିଷ୍ଠ ସହାୟକ ସାନ୍ତୁନୁ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ହିସାବ ରକ୍ଷକ ରଞ୍ଜିତ ମହାନ୍ତି, ସୁନିତା ନାୟକ, ଲିପସା ମୁରଲି ସାହୁ, ମନୋଜ ପଟ୍ଟନାୟକ, ଶୁଭଶ୍ରୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସେଲ୍, ଆରଏସପିର ହଟ୍ ଷ୍ଟ୍ରିପ୍ ମିଲ୍-୨ ରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଠିକା ଶ୍ରମିକ ପୁରସ୍କୃତ




ରାଉରକେଲା, ୧୮/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଜାନୁଆରୀ ୧୪ ତାରିଖରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ୧୯ ଟି ଏଜେନ୍ସିରୁ ୩୪ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ ଶ୍ରୀ ଆର କୁଜୁର, ଅପରେସନ ବିଭାଗର ମହାପ୍ରବନ୍ଧକ ଶ୍ରୀ ଡି.କେ. ଯାଦବ, ଏବଂ ମେକାନିକାଲ ବିଭାଗର ମହାପ୍ରବନ୍ଧକ ଶ୍ରୀ ଏସ. କାନୁନଗୋ, ଏଚଆର ସିଏଲସି ବିଭାଗର ସିନିୟର ମ୍ୟାନେଜର ଶ୍ରୀ ରାଜୀବ ମୁଖାର୍ଜୀ, ବିଭାଗୀୟ ପ୍ରତିନିଧି, ଅନ୍ୟ ଅଧିକାରୀ ଏବଂ କର୍ମଚାରୀ, ସଂପୃକ୍ତ ଏଜେନ୍ସିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଶ୍ରୀ କୁମାର ପୁରସ୍କାର ବିଜେତାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଗୁଣବତ୍ତା, ମୂଲ୍ୟ ଏବଂ ସୁରକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଉପସ୍ଥିତ ସମସ୍ତଙ୍କୁ ସକ୍ରିୟ ଭାବରେ କାମ କରିବାକୁ ଏବଂ ଲକ୍ଷ୍ୟ ଅତିକ୍ରମ କରିବାକୁ ଉତ୍ସାହିତ କରିଥିଲେ। ଏଚଏସଏମ-୨ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଅନୁପ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଖଣିଜ ସମ୍ପଦର ତସ୍କରୀକୁ ରୋକିବା ଦିଗରେ ବ୍ୟାପକ ଚଢ଼ଉ କରିବାକୁ ରାଜସ୍ୱମନ୍ତ୍ରୀଙ୍କ ନିର୍ଦ୍ଦେଶ

ଗଞ୍ଜାମ, ୧୮/୧ (ନି.ପ୍ର): ରାଜସ୍ୱ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ସରକାର ଯତ୍ନବାନ । ମହିଳା ମାନଙ୍କୁ ସଶକ୍ତିକରଣ କରାଯାଇଅଛି । ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନକ୍ରୟ କାରବାର ନିମନ୍ତେ ଇଚ୍ଛା ପ୍ରକାଶକରୁ ନାହାନ୍ତି, ସେମାନଙ୍କୁ ବାଦ ଦେଇ ଅନ୍ୟ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ସେହି ସୁଯୋଗ ଦେବା ସକାଶେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଚାଷୀଙ୍କ ଦ୍ୱାରା ଉତ୍ପାଦନ ଧାନର ମାନ ସେମାନେ ବ୍ୟବହାର କରୁଥିବା ଚାରା ଉପରେ ନିର୍ଭର କରେ । ସେମାନେ ଯେଭଳି ଉତମ ମାନର ଚାରା ବ୍ୟବହାର କରିଥିବେ ସେହି ଅନୁସାରେ ଅମଳ ହୋଇଥାଏ । ଏଣୁ ଉତମ ଚାରାର ବ୍ୟବହାର ଦିଗରେ ଗୁରୁତ୍ୱ ଆରୋପ କରିଥିଲେ । ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ । ଶୁକ୍ରବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲା ଗସ୍ତ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ବିଭାଗ ସମେତ ଧାନ କ୍ରୟ, ଶିଳ୍ପ ଏବଂଅନ୍ୟାନ୍ୟ ବିଭାଗର କାର୍ଯ୍ୟକାରିତା ଘେନି ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଆସ୍କା ବିଧାୟକ ସରୋଜ କୁମାର ପାଢୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟି ସମେତ ଜିଲ୍ଲାର ସମସ୍ତ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ରାଜସ୍ୱ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା କରଣ ନେଇ ଆଲୋଚନା ହୋଇଥିଲା । ଧାନ ସଂଗ୍ରହ ସକାଶେ ୩୬୬ ଗୋଟି ପ୍ୟାକ୍ସ, ୧୧୧ଗୋଟି ମହାଳା ସ୍ୱୟମ ସହାୟିକା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଞ୍ଚାୟତ ଏଭଳି ସମୁଦାୟ ୪୭୮ ଗୋଟି ପ୍ୟାକସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ । ସମୁଦାୟ ୩୬୧ ଗୋଟି ମିଲ୍ ରେ ଧାନ ପ୍ରକ୍ରିୟା କରଣ କରିବାର ବ୍ୟବସ୍ଥା କରାଯାଇଛି । ୧୪୬୫୦୪ ଜଣ ଖରିଫ୍ ଧାନ ବିକ୍ରୟ କରିବା ସକାଶେ ପଞ୍ଜିକରଣ କରିଥିବା ସ୍ଥଳେ ସମସ୍ତ ଚାଷୀଙ୍କର ତଥ୍ୟ ଡିଆରସିଏସ୍/ଏଆରସିଏସ୍ ଦ୍ୱାରା ଯାଂଚ୍ କାର୍ଯ୍ୟ ଶେଷ ହୋଇଛି । ତା.୧୬.୦୧.୨୦୨୫ ରିଖ ସୁଦ୍ଧା ୪୩୫ପ୍ୟାକସ୍ ଦ୍ୱାରା ୪୦୭୯ କୃଷକଙ୍କ ଦ୍ୱାରା ୧୭୩୪୨୪.୪୭ କ୍ୱିଂଟାଲ ଧାନ ସଂଗ୍ରହ କରାଯାଇଛି । ବର୍ତ୍ତମାନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଉଥିବା ଘେନି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଚଳିତ ମାସ ୩ ତାରିଖରୁ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଦିନିଆ ବର୍ଷା ହୋଇଥିବା ଅଞ୍ଚଳରେ ଚାଷୀ ମାନଙ୍କର ଧାନର ସ୍ଥିତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଜାଣିବାକୁ ଚାହିଁଥିଲେ । ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ଧାନକ୍ରୟ କାର୍ଯ୍ୟ ଶେଷ ହୋବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଯେଉଁ ଚାଷୀ ମାନଙ୍କର ଧାନ ଗମିଯାଇଛି ସେଗୁଡିକ ମଧ କ୍ରୟ କରିବା ଦିଗରେ ଚାଷୀଙ୍କ ଠାରେ ସ୍ପଷ୍ଟ କରାନ୍ତୁ ବୋଲି ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଅବଗତ କରାଇଥିଲେ । ସରକାର ଚାଷୀ ମାନଙ୍କୁ ସହାୟତା ଦେବା ସକାଶେ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୁଜାରୀ ସ୍ପଷ୍ଟ କରି କହିଥିଲେ । ଗଞ୍ଜାମ ଜିଲ୍ଲାରେ ଯଥେଷ୍ଟ ମଣ୍ଡି ନାହିଁ। ଟେଣ୍ଡର ଆହ୍ୱାନ କରି ନୂତନ ମଣ୍ଡି କରାଯିବ । ଆସନ୍ତା ଖରିଫ୍ ବେଳକୁ ମଣ୍ଡି ପ୍ରସ୍ତୁତ ହୋଇଯାଇଥିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ । ରାଜସ୍ୱ ବିଭାଗର ମ୍ୟୁଟେସନ୍ ଓଏଲଆର, ବସୁନ୍ଧରା ଶିକ୍ଷାନୁଷ୍ଠାନ ଗୁଡିକୁ ପଟ୍ଟା ପ୍ରଦାନ, ଜମି ଅଧିଗ୍ରହଣ, ଗ୍ରାମ କଣ୍ଠ ପରମ ଭୋକ, ରାଜସ୍ୱ ଆଦାୟ ଇତ୍ୟାଦି ବ୍ୟତୀତ ତହସିଲ କାର୍ଯ୍ୟାଳୟର ସେବା ତଥା ଷ୍ଟାଫ୍ ସମ୍ପର୍କିତ ସମସ୍ୟା ସମାଧାନ ଗୁଡିକ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଚଳିତ ଆର୍ଥିକ ବର୍ଷରେ ଜିଲ୍ଲାର ସମସ୍ତ ତହସିଲରେ ସମୁଦାୟ ୭୦୩ ଗୋଟି ମ୍ୟୁଟୋସନ୍ ମକଦ୍ଦମା ରୁଜୁ ହୋଇଥିବା ବେଳେ ୬୨୯ ଗୋଟିର ଫଇସଲା ଶେଷ ହୋଇଛି । ବସୁନ୍ଧରା ଯୋଜନାରେ ୮୬୬୭ଗୋଟି ଆବେଦନ ହସ୍ତଗତ ହୋଇଥିବା ଆବେଦନ ମଧ୍ୟରୁ ୧୬୪୩ ଗୋଟି ହିତାଧିକାରୀଙ୍କ ପଟ୍ଟା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତନ୍ମଧ୍ୟରୁ ୭୫୭ ଜଣଙ୍କର ପଟ୍ଟା ଚଳିତ ମାସ ଶେଷ ସୁଦ୍ଧା ପ୍ରଦାନ କରାଯିବା ସକାଶେ ସ୍ଥିର ହୋଇଛି ।

# ମରଣଯନ୍ତା ପାଲଟିଛି ବୋଷ ଛକ

ପୁରୀ, ୧୮/୧ (ନି.ପ୍ର): ପୁରୀ ସହରର ପ୍ରମୁଖ ଛକ ଭାବେ ପରିଚିତ ସୁବାଷ ବୋଷ ଛକ । ଭିଆଇପି ରୋଡ, ଜେଲ ରୋଡ, ଚକ୍ରତୀର୍ଥ ରୋଡ ଓ ଦିଗବାରେଣୀ ରୋଡ ସହ ସଂଯୋଗ କରିଛି ଏହି ଛକ । ଏହା ସହ ବ୍ଲୁ ଫ୍ଲାଗ ବିଚ କୁ ଯିବା ପାଇଁ ଅନ୍ୟ ଏକ ରାସ୍ତା ସହ ସଂଯୋଗ କରିଛି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ରୋଟାରୀ କ୍ଲବ ଓ ଷ୍ଟେଟ ବ୍ୟାଙ୍କ ଠାରୁ ଗଡାଣିଆ ରାସ୍ତା ବୋଷ ଛକର ପର୍ଯ୍ୟଟନ କାର୍ଯ୍ୟାଳୟ ନିକଟରେ ଆସୁଥିବା ଗାଡି ଗୁଡିକ ଭିଆଇପି ରୋଡ ପଟକୁ ବୁଲିବା ବେଳେ ରାସ୍ତାପାର୍ଶ୍ୱରେ ସ୍ଲାପ ଓ ସ୍ୱରେଜ ମ୍ୟାନହୋଲ ରହିଛି । ସେହି ସ୍ଥାନର ଅବସ୍ଥା ଏପରି ହୋଇଛି ଯେ ଗାଡି ବାମପାର୍ଶ୍ୱକୁ ମଡେଇ କରି ନେବା କଷ୍ଟସାଧ ହୋଇପଡୁଛି । ପ୍ରବାସୀ ଭାରତୀୟ ଆସିବେ ବୋଲି ଅନେକ ଖାଲୁଆ ରାସ୍ତାରେ ପ୍ୟାଚ ପଡିଥିଲେ ମଧ ଏହି ରାସ୍ତା କାହାରି ନଜର ପଡିନାହିଁ । ପର୍ଯ୍ୟଟନ କାର୍ଯ୍ୟାଳୟ ନିକଟରେ ସ୍ଲାପ ନପଡି ଡ୍ରେନ ଖୋଲା ରହିଛି । କିଛିଦିନ ତଳେ ବଡଦାଣ୍ଡ ବଡଶଙ୍ଖ ନିକଟରେ ଜଣେ ବୃଦ୍ଧ ଡ୍ରେନରେ ପଡି ମୃତ୍ୟୁବରଣ କରିଥିଲେ । ଏହି ଘଟଣା ପରେ ପୌରସଂସ୍ଥା ନିଦ୍ରା ଭାଙ୍ଗିନଥିବା ଅଭିଯୋଗ ହେଉଛି । ପୂର୍ତ୍ତ ବିଭାଗର କିଛି ଧୂର୍ତ୍ତ ଠିକାଦାର ମନଇଚ୍ଛା ପ୍ୟାଚ ପକାଇ ଲକ୍ଷାଧିକ ଟଙ୍କା ବିଲ୍ କରିଥିବା କୁହାଯାଉଛି । ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର ମୁଖିଆ ଧୃତରାଷ୍ଟ୍ରଙ୍କ ପରି ଅଭିନୟ କରୁଥିବା ଆଲୋଚିତ ହେଉଛି । ଅଧିକାରୀ ଜଣକ ପୁରୀ ଅଫିସ ଓ ଖୋର୍ଦ୍ଧା ଅଫିସ ଦାୟିତ୍ୱରେ ଥିବାବେଳେ ଭୁବନେଶ୍ୱରରେ ରହୁଥିବା ଚର୍ଚ୍ଚା ହୋଇଛି । ପର୍ଯ୍ୟଟକ ତୀର୍ଥଯାତ୍ରୀ ଓ ସହରବାସୀଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ଛକରେ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

# ସିଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ୨୦୨୫ ଦ୍ୱିତୀୟ ଦିବସ : ସାଉନ୍ତପୁର ଏଫ୍‌ସି ଓ ଜରାସିଂହା ଏଫ୍‌ସି ବିଜୟୀ

ବଲାଙ୍ଗିର, ୧୮/୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ବାଳକ ବିଭାଗ ୧୫ ବର୍ଷ ରୁ କମ୍ ଚମ୍ପିୟାନସିପ୍ ୨୦୨୫ ଦ୍ୱିତୀୟ ଦିବସ ର ଖେଳ ଅନୁଷ୍ଠିତ ହୋଇଯାଇଛି । 'ପ୍ରତିଭା ଅନେକ ଲକ୍ଷ୍ୟ ଏକ' ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନ କ୍ରମେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ବଲାଙ୍ଗିର ଜିଲ୍ଲା ପ୍ରଶାସନ, ଓଡିଶା ଫୁଟବଲ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଙ୍କ ଆୟୋଜନ ରେ ଫୁଟବଲ ଚମ୍ପିୟାନ ସିପ୍ ଅନୁଷ୍ଠିତ ହେଉଛି । ପ୍ରଥମ ମ୍ୟାଚ ରେ ସାଉନ୍ତପୁର ଏଫ୍‌ସି ୨-୧ ଗୋଲରେ ତୁରେକେଲା ଏଫ୍‌ସି କୁ ହରାଇ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚରେ ଜରାସିଂହା ଏଫ୍‌ସି ୧୦-୧ ଗୋଲରେ ପାଟଣାଗଡ ଏଫ୍ ?ସି କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତୃଘ୍ନ ସିଂ, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ପୂର୍ବତନ ଖେଳାଳି ଶୁଭ୍ରାଂଶୁ ଶେଖର ଅମାତ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ । ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ, ଡିପିଇଓ ପ୍ରଦୀପ କୁମାର ପାତ୍ର, ପୂର୍ବତନ ଖେଳାଳି ହୃଷିକେଶ ସାଏ, କ୍ରୀଡାବିତ୍ ସୁଦୟ ବାରିକ ପ୍ରମୁଖ ମଂଚାସିନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ଭୁବନେ ଭୋଇ, ଜ୍ୟୋତି ମହାନନ୍ଦ, ସଂଜିବ ମହାରଣା, ନରସିଂସ୍ୱାମୀ ନାଇଡୁ, ପ୍ରଫୁଲ୍ଲ କୁମାର ବଗର୍ତି, ତ୍ରିନାଥ ଚନ୍ଦନ, ଡୋଳାମଣି ବଗର୍ତି, ଅବଦୁଲ ମୁଜିବ, ରାଜେନ୍ଦ୍ର ଧରୁଆ ରେଫରି ଭାବେ ଖେଳ ପରିଚାଳନା କରିଥିଲେ । ସେହିପରି ୧୮ ତାରିଖ ପ୍ରଥମ ମ୍ୟାଚ ସଦାଇପାଲି ଏଫ୍‌ସି ବନାମ ଖପ୍ରାଖୋଲ ଏଫ୍‌ସି ଓ ଦ୍ୱିତୀୟ ଖେଳ ଭାଲେର ଏଫ୍‌ସି ବନାମ ଟିଟିଲାଗଡ ଏଫ୍‌ସି ମଧ୍ୟରେ ହେବ ବୋଲି ଆୟୋଜନ କମିଟିର ଆବାହକ ତଥା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ ଜଣାଇଛନ୍ତି ।

# ଜାତୀୟ ଶିକ୍ଷାନୀତି ପାଇଁ ଷ୍ଟିଅରିଂ କମିଟିରେ ରହିଲେ ଜୟପୁର ଝିଅ ଗାୟତ୍ରୀ ବାହିନୀପତି

ଜୟପୁର, ୧୮/୧ (ନି.ପ୍ର): ଜାତୀୟ ଶିକ୍ଷାନୀତି ପାଇଁ ଗଠନ ହେଲା ଷ୍ଟିଅରିଙ୍ଗ କମିଟି। ଏନଇପି (ନ୍ୟାସନାଲ ଏଜୁକେସନାଲ ପଲିସି) କାର୍ଯ୍ୟକାରୀ କରିବାକୁ ଏହି କମିଟି ଗଠନ କଲେ ସରକାର। ୧୬ ଜଣ ସଦସ୍ୟଙ୍କୁ ନେଇ ଗଠିତ ଷ୍ଟିଅରିଙ୍ଗ କମିଟି କରିଛନ୍ତି ରାଜ୍ୟ ସରକାର । ଏବଂ ଏହାର ଅଧ୍ୟକ୍ଷ ଭାବେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଗଠିତ କମିଟିରେ ଥିବା ୧୬ ଜଣ ସଦସ୍ୟ ପାଠ ଖସଡା ପ୍ରସ୍ତୁତ କରିବେ ଏହି କମିଟିରେ ଜୟପୁର ଝିଅ ତଥା ବୋରିଗୁମ୍ମା ସିଡିପିଓ ଗାୟତ୍ରୀ ବାହିନୀପତି ରହିଛନ୍ତି । ଏହି ସୂଚନା ପାଇବା ପରେ କୋରାପୁଟ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ସ୍ତରରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି- ୨୦୨୦। ଏହା ହେବ ଶିକ୍ଷା ଦିଗରେ ଐତିହାସିକ ପଦକ୍ଷେପ। ଏହାଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସରଳୀକରଣ ହେବ । ପ୍ରାଥମିକ ସ୍ତରରେ ପିଲାଙ୍କ ଶିକ୍ଷାର ଭିତି ଠିକ୍ ରହିବା ନେଇ ପ୍ରତି ପଂଚାୟତରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରିବାକୁ ଯାଉଛନ୍ତି ସରକାର । ଏଥିରେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ। ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷା ବି ଦିଆଯିବ। ବିଶେଷ କରି ଓଡ଼ିଆ ଭାଷା କଳା ଓ ସଂସ୍କୃତିକୁ ବି ଏଥିରେ ପ୍ରଚାର ପ୍ରସାର କରାଯିବ । ଏହା ଲାଗୁ ହେଲେ ପାଠ୍ୟ ଖସଡା ସରଳ ଓ ବୋଧଗମ୍ୟ ହେବ । ଜିରୋ ଡ୍ରପ ଆଉଟ ହେବା ଗୁଣାତ୍ମକ ଶିକ୍ଷା ମିଳି ପାରିବ । ସେଥିପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ବି ଲାଗୁ ହୋଇଛି । ଏଥିରେ ୧୫୬ କୋଟି ବ୍ୟୟ ବରାଦ ହୋଇଛି । ନବମ ଓ ଏକାଦଶ ଶ୍ରେଣୀରେ ପିଲାମାନେ ନାମ ଲେଖାଇଲେ ତାଙ୍କ ଆକାଉଣ୍ଟକୁ ଟଙ୍କା ଯିବ । ପିଏମ ଶ୍ରୀ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ଶହ ଏମଓୟୁ ସ୍ୱାକ୍ଷର ହୋଇ ଓଡ଼ିଶାର ପ୍ରାୟ ୩୫୦ ସ୍କୁଲ ମିଳିଛି । ଆହୁରି ସ୍କୁଲ ଏଥିରେ ସାମିଲ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛୁ । ଏହାଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ । ଜାନୁଆରୀ ୨୧ ରୁ ୨୩ ଯାଏଁ ଏନଇପି କର୍ମଶାଳା ହେବ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ଜାନୁଆରୀ ୨୦୨୫
email :
rabibarachayan2015@gmail.com

ରବିବାର ଚୟନ

ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୮୪
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଆମେ ରାମେଶ୍ୱର ପହଞ୍ଚିବାର ଅନେକ ସମୟ ପରେ ଲକ୍ଷ୍ମଣ, ସୁଗ୍ରୀବଙ୍କ ସହିତ ଅନ୍ୟମାନେ ଆସି ପହଞ୍ଚିଥିଲେ । ମୋ ପ୍ରଭୁଙ୍କୁ ନିମନ୍ତ୍ରଣ ଜଣାଇ ସୁଗ୍ରୀବ କହିଥିଲେ ପ୍ରଭୁ, ଯୁଦ୍ଧପରେ ଆପଣ ଅତ୍ୟନ୍ତ କ୍ଲାନ୍ତ ହୋଇ ପଡ଼ିଛନ୍ତି । ଏବେ ସମସ୍ତେ ଚାଲନ୍ତୁ କିଷ୍କିନ୍ଧ୍ୟାରେ କିଛିଦିନ ରହି ବିଶ୍ରାମ ନେବେ, ତା'ପରେ

ସୁଗ୍ରୀବଙ୍କ କଥା ଶୁଣି ମୋ ସ୍ୱାମୀ କହିଥିଲେ, ନା ବନ୍ଧୁ । ଏବେ ଆଉ ତାହା ସମ୍ଭବ ନୁହେଁ; ଅନେକଦିନ ତୁମ ପାଖରୁ ଆତିଥ୍ୟ ମୁଁ ପାଇଛି । ଆମ ବନବାସର ସମୟ ଶେଷ ହୋଇଯାଇଛି । ଆମେ ଏବେ ଅଯୋଧ୍ୟା ଫେରିଯିବୁ ।

ଅଯୋଧ୍ୟା ଫେରିଯିବା କଥା ଶୁଣି ଲକ୍ଷ୍ମଣ କହିଥିଲେ ଜ୍ୟେଷ୍ଠଭ୍ରାତ, ଆମେ ଅଯୋଧ୍ୟା ଫେରୁଥିବା କଥାଟାକୁ ମୁଁ ହନୁମାନଙ୍କୁ ପଠାଇ ଭ୍ରାତା ଭରତକୁ ଜଣାଇ ଦେଉଛି । ଆମେ ଅଯୋଧ୍ୟା ପହଞ୍ଚିବା ପୂର୍ବରୁ....

ଲକ୍ଷ୍ମଣଙ୍କ ତୁଣ୍ଡରୁ କଥା ନେଇ ପ୍ରଭୁ ମୋର କହିଥିଲେ, ନା ଲକ୍ଷ୍ମଣ କୌଣସି ସମ୍ବାଦ ନଦେଇ ଆମେ ଯାଇ ଅଯୋଧ୍ୟାରେ ପହଞ୍ଚିବୁ । ଅଯୋଧ୍ୟାର ପ୍ରଜାକୁଳ ଦିନ ଗଣିଗଣି ଆମ ଯିବାକୁ ପ୍ରତୀକ୍ଷା କରି ରହିଥିବେ । ଭରତ ନିଶ୍ଚିତ ଭାବରେ ଦୂତପଠାଇ ଆମକୁ ଆର୍ଯ୍ୟାବର୍ତ୍ତର ସବୁ ସ୍ଥାନରେ ଖୋଜି ବୁଲୁଥିବ। ଆମେ ଯେତେ ଶୀଘ୍ର ପାରିବା ଏ ସ୍ଥାନ ପରିତ୍ୟାଗ କରିବା ।

ମୋ ସ୍ୱାମୀଙ୍କ କଥାଶୁଣି ହନୁମାନ କହିଥିଲେ କାହାରିକୁ କିଛି ସମ୍ବାଦ ଦେବାକୁ ପଡ଼ିବ ନାହିଁ ପ୍ରଭୁ। ଆପଣଙ୍କର ଏ ଦାସକୁ ଆଜ୍ଞାଦେଲେ ସେ କାଲିର ସୂର୍ଯ୍ୟାସ୍ତ ପୂର୍ବରୁ ଆପଣଙ୍କୁ ନେଇ ଅଯୋଧ୍ୟାରେ ପହଞ୍ଚାଇ ଦେଇଥିବ ।

ହନୁମାନର କଥାଶୁଣି ମୋ ସ୍ୱାମୀ ହସିହସି କହିଥିଲେ, ନା ହନୁମାନ । ଆମ ହସ୍ତରେ ଅନେକ ସମୟ ଅଛି । ଆମେ ଯେମିତି ଚାଲିଚାଲି ଅଯୋଧ୍ୟାରୁ ଆସିଥିଲୁ ସେମିତି ଚାଲିଚାଲି ଅଯୋଧ୍ୟାକୁ ଫେରିଯିବୁ। ଏବେ କାର୍ତ୍ତିକ ମାସ ଶେଷ ହେବାକୁ ବସିଲାଣି । ଆମେ ମାସଟିଏ ଚାଲି ଚାଲି ଯାଇ ଠିକ୍ ଚଉଦବର୍ଷ ପୂର୍ଣ୍ଣ ହେବାବେଳକୁ ଅଯୋଧ୍ୟା ମାଟିକୁ ଛୁଇଁ ସାରିଥିବୁ ।

ମୋ ସ୍ୱାମୀଙ୍କ ତୁଣ୍ଡରୁ ଏପରି ବଚନ ଶୁଣି ମୁଁ ମନେମନେ ଉଲ୍ଲସିତ ହୋଇ ଉଠିଥିଲି ସୁଧାମୟୀ, କାହିଁକି ଜାଣୁ, ପୁଣିଥରେ ବନଯାତ୍ରାର ସୁଖକୁ ମୁଁ ଅନୁଭବ କରିପାରିବି ।

ତାହାହିଁ ହେଲା ସୁଧାମୟୀ । କିଷ୍କିନ୍ଧ୍ୟାରେ ସୁଗ୍ରୀବଙ୍କୁ ଛାଡ଼ି ତାଙ୍କ ଠାରୁ ବିଦାୟ ନେଇ ଆମେ ଚାରିଜଣ ଅଯୋଧ୍ୟା ଅଭିମୁଖେ ପାଦ ପକାଇଥିଲୁ । ହନୁମାନଙ୍କୁ ଆମ ସହିତ ନ ଆସିବା ପାଇଁ ମୋ ପ୍ରଭୁ ଯେତେ ମନାକଲେ ମଧ୍ୟ, ସେ ଜିଦ୍ କରି ବସିଲେ ରାମ ସୀତା ଯେଉଁଠି ରହିବେ ସେ ସେଇଠି ରହିବେ। ରାମ ତାଙ୍କର ପ୍ରଭୁ ତାଙ୍କ ହୃଦୟର ଈଶ୍ୱର । ତାଙ୍କୁ ଛାଡ଼ି ସେ ରହିପାରିବେ ନାହିଁ । ଶେଷରେ ମୋ ସ୍ୱାମୀ ତାଙ୍କୁ ସାଥିରେ ନେବାପାଇଁ ସମ୍ମତି ଦେଇଥିଲେ । ଆମେ ଚାରିଜଣ ଏକ ମାସକାଳ ଆର୍ଯ୍ୟାବର୍ତ୍ତର ଅନେକ ଗିରିକାନନ, ପରିଭ୍ରମଣ କରି, ପ୍ରକୃତିକୁ ମନଭରି ଉପଭୋଗ କରି ଆସି ଅଯୋଧ୍ୟା ରାଜ୍ୟର ସୀମାକୁ ସ୍ପର୍ଶ କରିଥିଲୁ । ଅଯୋଧ୍ୟା ରାଜ୍ୟ ସୀମା ଛୁଉଁଛୁଉଁ ମୋ ସ୍ୱାମୀଙ୍କ ଠାରୁ ଆଦେଶ ନେଇ ଲକ୍ଷ୍ମଣ ହନୁମାନ ଆମକୁ ଛାଡ଼ିଦେଇ ଦ୍ରୁତଗତିରେ ଅଯୋଧ୍ୟାନଗର ଅଭିମୁଖେ ଯାଇ ଆମ ଫେରିବା ସମ୍ବାଦ ଦେଇଥିଲେ । ମୋର ମନେଅଛି ସୁଧାମୟୀ ମାର୍ଗଶିର ମାସ ଶେଷବେଳକୁ ଆମେ ଯାଇ ଅଯୋଧ୍ୟାରେ ପହଞ୍ଚିଥିଲୁ । ସେଦିନ ଥାଏ କୃଷ୍ଣ ଚତୁର୍ଦ୍ଦଶୀ ତିଥି । ଅଯୋଧ୍ୟା ଆମକୁ ପାଛୋଟି ନେବାପାଇଁ ଅନନ୍ୟା ସୁନ୍ଦରୀଟିଏ ହୋଇ ପ୍ରତୀକ୍ଷା କରି ରହିଥାଏ । ଅଯୋଧ୍ୟାବାସୀ, ଅଯୋଧ୍ୟାର ରାଜ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ନରନାରୀ ଅଯୋଧ୍ୟାକୁ ସଜାଇ ଦେଇଥାନ୍ତି ଅପୂର୍ବ ବେଶ ପରିପାଟିରେ । ଗୃହେଗୃହେ ପୂର୍ଣ୍ଣକୁମ୍ଭ ରମ୍ଭାବୃକ୍ଷ ମାନ ସ୍ଥାପନ କରାଯାଇଥାଏ । ଆମ୍ର, ବକୁଳ, ଦେବଦାରୁ ଆଦି ପତ୍ର ମାନଙ୍କରେ ରାମ ସୀତାଙ୍କ ନାମ ଲେଖି ଝୁଲାଇ ଦିଆଯାଇଥାଏ ରାଜଦାଣ୍ଡରେ । ଟଙ୍ଗାଇ ଦିଆଯାଇଥାଏ ରଜତ ଚାନ୍ଦୁଆ । ସୁବର୍ଣ୍ଣରଂଗର ପୁଷ୍ପ ତହିଁରେ ଓହଳି ରହିଥାନ୍ତି । ହୀରା, ନୀଳା, ମୋତି ମାଣିକ୍ୟର ଲତାରେ ଚିତ୍ରିତ ନାନା ଜାତିର ପକ୍ଷୀ । ରଂଗ ବେରଂଗର ଫୁଲମାନ ବିଛେଇ ହୋଇପଡ଼ିଥାଏ ରାଜଦାଣ୍ଡରେ । କର୍ପୂର, ଚନ୍ଦନର ଛେରା ବିଛେଇ ହୋଇପଡ଼ିଥାଏ ତହିଁରେ । ଅଯୋଧ୍ୟାନଗ୍ରର କୁମାରୀମାନେ ରଂଗ ବେରଂଗର ଶାଢ଼ୀମାନ ପିନ୍ଧି, ଫୁଲରେ ଫୁଲରେ ନିଜକୁ ସଜେଇ ହୋଇ, ହସ୍ତରେ ବନ୍ଦାପନା ଥାଳି ଧରି ଛିଡ଼ା ହୋଇ ରହିଥା'ନ୍ତି । ଅନେକଙ୍କ ହସ୍ତରେ ଚାମର, ପୁଷ୍ପର ଡାଲା । ରାଜଦାଣ୍ଡର ଦୁଇପାର୍ଶ୍ୱରେ ଖୁନ୍ଦିଖୁନ୍ଦି ଛିଡ଼ା ହୋଇ ରହିଛନ୍ତି ଅସଂଖ୍ୟ ନରନାରୀ । ସମସ୍ତେ ଅଞ୍ଜଳିପୂର୍ଣ୍ଣକରି ପୁଷ୍ପଧରି ଛିଡ଼ା ହୋଇ ରହିଥିଲେ, ତାଙ୍କ ପ୍ରିୟ ରାମ ସୀତାଙ୍କୁ ସ୍ୱାଗତ କରିବାପାଇଁ । ବାଦ୍ୟକାରମାନେ ନାନାପ୍ରକାର ବାଦ୍ୟଯନ୍ତ୍ର ଧରି ଅପେକ୍ଷା କରି ରହିଥାନ୍ତି । ରାଜମାର୍ଗର ପ୍ରବେଶ ପଥରେ ତୋରଣ ସଜାଇ, ସୁବର୍ଣ୍ଣର ପୂର୍ଣ୍ଣକୁମ୍ଭ ସ୍ଥାପି ଭରତ ମୋ ପ୍ରଭୁଙ୍କ ପାଦୁକା ଯୋଡ଼ିକ ମସ୍ତକରେ ଧାରଣ କରି ପ୍ରତୀକ୍ଷା କରି ରହିଥାନ୍ତି ଆମକୁ ।

ଆମେ ଦୁହେଁ ଯାଇ ରାଜମାର୍ଗର ପ୍ରବେଶ ପଥରେ ପାଦ ଦେଇଥିଲୁ । ବାଜିଉଠିଥିଲା ମଂଗଳ ବାଦ୍ୟ । ସହସ୍ର ସହସ୍ର ଶଂଖ ନାଦରେ କମ୍ପି ଉଠିଲା ଅଯୋଧ୍ୟା ପୁରୀ । ଶଂଖନାଦ ସାଂଗକୁ ସିମନ୍ତିନୀ ମାନଙ୍କର ହୁଳହୁଳି । ଜୟ ରାମ ସୀତାଙ୍କର ଜୟଧ୍ୱନିରେ ମୁଖରିତ ହେଲା ଅଯୋଧ୍ୟାର ଗଗନ ପବନ । ବେଦପାଠ କରୁଥିଲେ ମାନ୍ତ୍ରିକ ବ୍ରାହ୍ମଣମାନେ । ଶିଙ୍ଘା, ତୁରୀ, ଭେରୀ ସହିତ ନାନାବାଦ୍ୟର ଝଙ୍କାର । ପୁଷ୍ପଚନ୍ଦନ ବୃଷ୍ଟି ହୋଇ ଯାଉଥାଏ ଆମ ଉପରେ। ବନ୍ଦାପନା ଥାଳି ଧରି ଶତଶତ ରମଣୀ ଆମ ଉପରକୁ ଦୁର୍ବା ଅକ୍ଷତ ଫିଙ୍ଗି ବନ୍ଦାପନା କରୁଥା'ନ୍ତି। ଏ ଦୃଶ୍ୟ ଦେଖି ମୁଁ ଅଭିଭୂତ ହୋଇ ପଡୁଥାଏ।

ଆମକୁ ଦେଖି କାନ୍ଦିକାନ୍ଦି ଭରତ ଆସି ମସ୍ତକରେ ଧାରଣା କରିଥିବା ପାଦୁକା ଦ୍ୱୟକୁ ତାଙ୍କ ଭାଇଙ୍କ ପାଦତଳେ ଥୋଇଦେଇ କାନ୍ଦିକାନ୍ଦି ତଳେ ଲୋଟି ଯାଇଥିଲେ । ତାଙ୍କୁ ତଳୁ ଉଠାଇ ହୃଦୟରେ ଭିଡ଼ିଧରି ପ୍ରଭୁ ମୋର କହିଥିଲେ, କାହିଁକି କାନ୍ଦୁଛୁ ଭରତ । ବିଧାତା ଯାହା ଆମ କପାଳରେ ଲେଖିଥିଲା ତାହାହିଁ ହେଲା । ମୁଁ ବହୁତ ଖୁସି ତୁମେ ଅଯୋଧ୍ୟାର ପ୍ରଜାଙ୍କୁ ବେଶ୍ ଆନନ୍ଦରେ ରଖିଛ । ଚଉଦବର୍ଷକାଳ ମୁଁ ଅଯୋଧ୍ୟା ଛାଡ଼ି ଚାଲିଯାଇଥିଲି । ଏହି ଚଉଦ ବର୍ଷ ଭିତରେ ମୁଁ ଅନେକ କିଛି ହରାଇଛି, ଅନେକ ମଧ୍ୟ ପାଇଛି । ସବୁଠୁଁ ଅତ୍ୟନ୍ତ ଦୁଃଖିତ ମୁଁ ମୋ ସତ୍ୟସନ୍ଧ ପିତାଙ୍କୁ ହରାଇ । ଦୁଃଖ ରହିଗଲା ଭରତ ତାଙ୍କର ଅନ୍ତିମକାଳରେ ମୁଁ ତାଙ୍କ ମୁଖଦର୍ଶନ କରିପାରିଲି ନାହିଁ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ

# ଭାଗ ଚାଷୀଙ୍କ ଭାଗ୍ୟ

**ସୁବ୍ରତ ପଟ୍ଟନାୟକ**



ଚଳିତ ବର୍ଷ ମନ ମୋହିଲା ଭଳି ହୋଇଥିଲା ଧାନ ଚାଷ। ଚାଷୀଙ୍କ ହିତ ପାଇଁ ସରକାର ଧାନର କିଣା ଦର ବଢ଼ାଇଥିଲେ। ପୂର୍ବରୁ ଚାଷୀ କ୍ୱିଣ୍ଟାଲ ପ୍ରତି ଅଠେଇଶ ଶହ ଟଙ୍କାରେ ଧାନ ବିକୁଥିଲେ। ନୂଆ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଶହ ସହିତ ୮ଶହ ଟଙ୍କ ବୋନସ ଦେବାକୁ ଘୋଷଣା କଲେ। ମୋଟ ହିସାବରେ କ୍ୱିଣ୍ଟାଲ ପ୍ରତି ଚାଷୀ ପାଇବେ ୩୧ଶହ ଟଙ୍କା। ପଞ୍ଚାୟତ ଓ ଗାଁ ମାନଙ୍କରେ ଖୋଲିବ ମଣ୍ଡି ଓ ଲ୍ୟାମ୍ପସ୍। ମିଲରଙ୍କ ପାଖକୁ ନଯାଇ ଚାଷୀ ଲ୍ୟାମ୍ପସରେ ଧାନ ବିକିବେ। ଏସବୁ ଘୋଷଣାରେ ଚାଷୀ ଖୁସି ହେଲେ। ମାତ୍ର ଏହି ଖୁସି ବେଶୀ ଦିନ ତିଷ୍ଠି ପାରିଲା ନାହିଁ। ପଶ୍ଚିମ ଓଡ଼ିଶାରେ ଅମଳ ପୂର୍ବରୁ ବାତ୍ୟା ସାଙ୍ଗକୁ ଉପକୂଳ ଜିଲ୍ଲାରେ ଅଦିନିଆ ବର୍ଷା ସାଜିଲା ଦାଉ। ବିଲରେ ପାଚିଲା ଧାନ ଗଜା ହେଲା, ନଚେତ୍ ପଚିଗଲା। ଯେନତେନ ଉପାୟରେ ଚାଷୀ ଧାନକୁ ଘରକୁ ଆଣିଲେ। ଯଥାଶୀଘ୍ର ବିକିବାକୁ ମନ ବଳାଇଲେ।

ଯା ଭିତରେ ଓଡ଼ିଶାର ନୂଆ ସରକାର ଦୁଇଟି ନିୟମ ଘୋଷଣା କଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବାଦପତ୍ର ଓ ଗଣମାଧ୍ୟମରେ କହିଲେ - (୧) ଭାଗଚାଷୀଙ୍କୁ କୌଣସି କ୍ଷତିପୂରଣ ମିଳିବ ନାହିଁ। (୨) କୌଣସି ଚାଷୀର ୩୩ ପ୍ରତିଶତରୁ କମ୍ ଫସଲ ନଷ୍ଟ ହୋଇଥିଲେ, ତାହା କ୍ଷତିରେ ଗଣତି ହେବନାହିଁ। ଏ ଦୁଇଟି ନିୟମ ଶୁଣି ଚାଷୀଙ୍କ ହଲକ ଶୁଖିଗଲା। ପୂର୍ବରୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଥିଲେ- ଧାନର ମାନ ନିର୍ଦ୍ଧାରଣ ସମୟରେ ଚାଷୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯିବ। ପରେ ସେ ତାଙ୍କ ମନ୍ତବ୍ୟ ବଦଳାଇ କହିଲେ- ଧାନର ମାନ ନିର୍ଦ୍ଧାରଣ ସମୟରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ। ଏଫଏକ୍ୟୁ ବା କ୍ୱାଲିଟୀ ଧାନ ନହେଲେ ଚାଷୀଙ୍କଠୁ ଧାନ କିଣାଯିବ ନାହିଁ। ବିଡ଼ମ୍ବନାର ବିଷୟ, ଧାନର ମାନ ଯାଞ୍ଚ ପାଇଁ ଏଫଏକ୍ୟୁ ମେସିନ୍ ସବୁ ଲ୍ୟାମ୍ପସକୁ ମିଳିନାହିଁ। ଜିଲ୍ଲାପାଳଗଣ ଯଦି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବେ, ତାହେଲେ ଚାଷୀଙ୍କ ଭେଳା ବୁଡ଼ିବା ଥୟ। ଧାନ ମଣ୍ଡି ଛାଡ଼ି ଚାଷୀ ଦଲାଲଙ୍କ ହାବୁଡ଼ରେ ପଡ଼ିବେ। ସରକାରଙ୍କ ନୀତି ନିୟମ ଯାହା ହେଉନା କାହିଁକି, ଚାଷୀଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। ତେବେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତି ମଧ୍ୟରେ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଭାବେ ବିଚାର କରିବାକୁ ଘୋଷଣା କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ସେଥିପାଇଁ ମୋହନଙ୍କୁ ଅଶେଷ ଧନ୍ୟବାଦ। ମାତ୍ର ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଚାଷୀଙ୍କୁ ଋଣ ଛାଡ଼ ଭଳି ସୁବିଧା ସୁଯୋଗ ମିଳିବ କି ନା, ତାହା ଘୋଷଣା ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଏହା ଜାଣିବାକୁ ଚେଷ୍ଟାକରି ଆମେ ଏଯାବତ୍ ବିଫଳ ହୋଇଛୁ।

ଧାନ କିଣା ବିକା କରିବାପାଇଁ ସରକାର ଅନ୍‌ଲାଇନ୍ ବ୍ୟବସ୍ଥା କଲେ। ଏହା ଏକ ଉଚିତ୍ ପଦକ୍ଷେପ। ଚାଷୀଗଣ ଠକ ଓ ଦଲାଲଙ୍କଠୁ ମୁକୁଳିଯିବେ। ମାତ୍ର, ଗରିବ ଚାଷୀ ଅନଲାଇନରେ କାଗଜପତ୍ର ସଜାଡ଼ିବା କାଠିକର ପାଠ। ଅଧିକାଂଶଙ୍କ ନିକଟରେ ଇଣ୍ଟରନେଟ୍ ସୁବିଧା ଥିବା ମୋବାଇଲ ଫୋନ୍ ନାହିଁ। ଥିଲେ ବି ସେମାନେ ତାର ବ୍ୟବହାର ଜାଣନ୍ତିନାହିଁ। ବ୍ୟାଙ୍କ ପାସବୁକ୍ ଅପ୍‌ଡେଟ୍, ଆଧାର କାର୍ଡ଼ ସଂଯୋଗ, ଫିଙ୍ଗରପ୍ରିଂଟ୍ ଆଦି ନାନା ରକମର କଟକଣା ପୂରଣ କରିବାକୁ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼େ। ବ୍ୟାଙ୍କ ଓ ଜନସେବା କେନ୍ଦ୍ରରେ ଲମ୍ବା ଧାଡ଼ି। ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଲେ ବି ଅଡୁଆ ତୁଟେନାହିଁ। ଛୋଟିଆ ଭୁଲ୍‌କୁ ନ ସୁଧାରି ଗଣ୍ଠିକୁ ଅଧିକ ଅଡୁଆ କରାଯାଏ। ଲ୍ୟାମ୍ପସରେ ଚାଷୀଙ୍କ ସୁବିଧା ପାଇଁ କୌଣସି ବନ୍ଦୋବସ୍ତ ନାହିଁ। ସେମାନେ ଖରାବର୍ଷା, ଶୀତ କାକରରେ ରାତି ବିତାଉଛନ୍ତି। ଖୋଲା ପଡ଼ିଆରେ ଦିନରାତି ଉଜାଗର ରହୁଛନ୍ତି। ଚାଷୀଙ୍କ ଦୁର୍ଦ୍ଦଶାକୁ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରି ପାରିବେ ନାହିଁ। ହତାଶ ଚାଷୀ ବାଧ୍ୟ ହୋଇ କଷ୍ଟ ଉପାର୍ଜିତ ଧାନକୁ ସାଗ ମାଛ ମୂଲରେ ଦଲାଲ୍ ହାତକୁ ଟେକି ଦେଉଛନ୍ତି। କେବଳ ଧାନଚାଷୀ ଏକୁଟିଆ ନୁହନ୍ତି, ପନିପରିବା ଚାଷୀଙ୍କ ଦୁର୍ଦ୍ଦଶା ବି କିଛି କମ୍ ନୁହେଁ। ଛୋଟିଆ ସ୍ତମ୍ଭରେ ସବୁ କଥା ଲେଖାଯିବା ସମ୍ଭବ ହୋଇପାରୁନି। ସେଥିପାଇଁ ଏହି ସ୍ତମ୍ଭକାର କ୍ଷମା ପ୍ରାର୍ଥନା କରୁଛି।

ଓଡ଼ିଶାରେ ପ୍ରାୟ ସତୁରି ପ୍ରତିଶତ ଭାଗ ଚାଷୀ। ସେମାନଙ୍କୁ କୌଣସି କ୍ଷତିପୂରଣ ମିଳିବ ନାହିଁ ଘୋଷଣା କରି ସରକାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗୁଛନ୍ତି। ଯଦି ଏହା ସତକୁ ସତ ପାଳନ କରାଯାଏ, ତାହେଲେ ଚାଷ କରୁନଥିବା ଜମି ମାଲିକ କ୍ଷତିପୂରଣ ଟଙ୍କା ହାତେଇ ନେବା ସାର ହେବ। ଓଡ଼ିଶାରେ ଅଧିକାଂଶ ଗରିବ ଲୋକ ବିନା କାଗଜପତ୍ରରେ ଭାଗଚାଷ କରିଥାନ୍ତି। ସେମାନଙ୍କ ନିକଟରେ କୌଣସି ଲିଖିତ ଦଲିଲ ନଥାଏ। ଜମି ମାଲିକ ଏସବୁର ଭରପୁର ଫାଇଦା ଉଠାନ୍ତି। ଭାଗଚାଷୀ ଜୀବନତମାମ ହନ୍ତସନ୍ତ ହୁଅନ୍ତି। ଚତୁର ଜମି ମାଲିକ ଲକ୍ଷପତି ହୋଇଥିଲେ ହେଁ ବିଭିନ୍ନ ଫନ୍ଦିଫିକର କରି ବିପିଏଲ ରାସନ କାର୍ଡ଼, ଉଜ୍ଜଳା ଗ୍ୟାସ ଚୁଲା, ସବ୍‌ସିଡି ବିଦ୍ୟୁତ୍ ସଂଯୋଗ, ଆବାସ ଯୋଜନା ଘର, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଆଦି ହାତେଇ ନିଅନ୍ତି। ଗରିବଙ୍କ ଯୋଜନା ଅର୍ଥ ଚଳୁ କରିବାପାଇଁ ସେମାନଙ୍କୁ ଜଣା ସବୁତକ ଗଳାବାଟ। କୌଣସି ଚାଷୀର ଚାଷ ଜମି ଗୋଟିଏ ସ୍ଥାନରେ ନଥାଏ। ବିଭିନ୍ନ ସ୍ଥାନରେ ଥିବା ଚାଷଜମିର ସର୍ବେକ୍ଷଣ କରାଯିବ କିପରି ? ସେ ମାନଦଣ୍ଡଟି କଣ ? ଯେଉଁ ଚାଷୀ ପ୍ରାଣପଣେ ଉଦ୍ୟମ କରି ଚାଷଜମିର କ୍ଷତିକୁ ତିରିଶ ପ୍ରତିଶତରେ ଅଟକାଇଛି, ତା ଅବସ୍ଥା କଣ ହେବ ? ସେଭଳି ଚାଷୀଙ୍କ ଦୟନୀୟ ପରିସ୍ଥିତି ପ୍ରତି ଦୟାଭାବ ପୋଷଣ କରାଯିବ ନାହିଁ କାହିଁକି ?

ଫସଲହାନି ଯୋଗୁ ଓଡ଼ିଶାରେ ପ୍ରାୟ ବାର ଜଣ ଚାଷୀ ତିନି ସପ୍ତାହ ମଧ୍ୟରେ ପ୍ରାଣ ହରାଇଥିବା ଜଣାଯାଇଛି। ଏହି ମୃତ୍ୟୁକୁ ଚାଷୀ ପରିବାର ଆତ୍ମହତ୍ୟା କରୁଥିବା ବେଳେ ସରକାର ଏହାକୁ ମାନୁ ନାହାନ୍ତି। ଏହାକୁ ଅପମୃତ୍ୟୁ ବା ଅନ୍ୟ କୌଣସି କାରଣ ବୋଲି ଦର୍ଶାଉଛନ୍ତି। ଫସଲହାନି ଯୋଗୁ ଋଣ ପରିଶୋଧ କରି ନପାରି ଚାଷୀ ଜୀବନ ହରାଇ ଦେଉଛି। ମୃତ ଚାଷୀ ପରିବାର ଏହା ପ୍ରମାଣିତ କରିବାକୁ ସକ୍ଷମ ହେଉନାହିଁ। ମୃତ୍ୟୁବରଣ କରୁଥିବା ଚାଷୀଙ୍କ ପରିବାରକୁ ସରକାର ସମବେଦନା ଜଣାନ୍ତୁ। ଆର୍ଥିକ ସହାୟତା ସହିତ ଥଇଥାନର ଉଚିତ୍ ବ୍ୟବସ୍ଥା କରାଯାଉ। ତାହେଲେ ହିଁ ସରକାର ଚାଷୀଙ୍କ ମଙ୍ଗଳରେ ଅଛନ୍ତି ବୋଲି ବିଶ୍ୱାସଭାଜନ ହେବ। ଆଜି ଏତିକି। ଜୟ ଜଗନ୍ନାଥ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ନୂଆବର୍ଷ

**ଅଙ୍ଗୁରବାଳା ପରିଡା**



କୁହୁଡିଆ ଡିସେମ୍ବରର ଶେଷ ସୂର୍ଯ୍ୟୋଦୟ ଓ୍
ଶୀତୁଆ ଜାନୁଆରୀର ପ୍ରଥମ ସକାଳ ଭିତରେ
ସେମିତି କିଛି ଫରକ ଦିଶେନି ଅନୁପମାକୁ।
ଅନୁପମା ଦେଖେ, ତା' ବୟସ ସହ
କେମିତି କ୍ଷୟ ହଉଛି
ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଓ୍
ଏ ସସାଗରା ମେଦିନୀର ଅକଳନୀୟ ଆୟୁଷ।

ଏ ନୂଆବର୍ଷ
ବଡ ଚତୁରତାରେ ଚୋରେଇ ନଉଛି
ତା ଦେହରୁ ଯୌବନ
ଚୋରେଇ ନଉଛି ସୂର୍ଯ୍ୟରୁ ଉଦଜାନ
ପବନରୁ ଅମ୍ଳଜାନ
ଜଳରୁ ପ୍ରବହମାନ ଓ୍
ପୃଥିବୀର ସବୁଜ ଅରଣ୍ୟକୁ
ଧୀରେ ଧୀରେ ଉର୍ଜାହୀନ କରି
ଗଢୁଛି କଂକ୍ରିଟ ଉଦ୍ୟାନ।

ଏ ନୂଆବର୍ଷ
ବୋମା କି ବାରୁଦର ବିଭୀଷିକା ପରି
ହଠାତ କିଛି ବଦଳେଇ ଦିଏନା।

ଖଣ୍ଡେ ମହମ ଜଳିଲା ପରି
ହସି ହସି ଜଳାଉଥାଏ ସମୟକୁ।

ରାତି ଅଧିଆ କେକ୍ କାଟିଲା ପରି
ସ୍ମୃତିର ମିଠାପଣକୁ
ପିସ ପିସ କରି ଖୋଇଦିଏ
ଅତୀତର ଅତଳ ଆଁ ରେ।

ଆଖି ଝଲସା ଆଲୁଅର
ରଙ୍ଗୀନ ମେହଫିଲରେ
ଅନ୍ଧାରର ପକେଟମାର କରି
ଭଲ ଲୋକ ପରି ସହାସ୍ୟ ଶୁଭେଚ୍ଛା ଧରି
ପାଖରେ ଆସି ଠିଆ ହୁଏ, ଯେମିତି
ସହଯାତ୍ରୀ।
ତାକୁ ଛାଡି ହୁଏନି କି ଯୋଡି ହେଇଯିବାର
ବିଧୂର ପରିଣତି ରେ ଆପଣେଇ ପାରେନି
ଜମାରୁ।

ତଥାପି ସେ ଗୋଟେ ନିର୍ଦ୍ଦିଷ୍ଟ ଷ୍ଟେସନରୁ
ରେଳରେ ଚଢେ
ଅନୁପମା ସହ ସେୟାର କରେ ଚା',ସମୋସା
ଦେଶ, ବିଦେଶର ବିଗ ଷ୍ଟୋରୀକୁ
ହାଇଲାଇଟ କରି ଗପେ ଓ୍
ଓହ୍ଲେଇ ଯାଏ ତା ଷ୍ଟେସନ ଆସିବା କ୍ଷଣି।

ଏବେ ନୂଆବର୍ଷକୁ ଲୋଡ଼ିବା
ଗୋଟେ ଇମୋସନ ନୁହେଁ,
ଅଭ୍ୟାସରେ ପଡିଗଲାଣି ଅନୁପମାର।

♥ ବି -୧୨, ସେକ୍ଟର -୧୮
ରାଉରକେଲା -୩
(ମୋ) ୯୪୩୮୦୫୭୫୭୮

### ଚନ୍ଦ୍ରଶେଖର

**ବୃନ୍ଦାବନ ଦାସ**



ବର୍ଷ ବର୍ଷର ଅନେକ ସ୍ୱପ୍ନ
ଗୋଟେ ମାଟିର
ସେ ମାଟିରେ ଗଜୁରି
ପୁଣି ଖରା ଧାସରେ
ଜଳି ଯାଉଥିବା ଘାସଙ୍କର
ପୂରଣ ହେବ କି ନହେବ
ଥିଲା ଅବିଶ୍ୱସନୀୟ ଅକଳ୍ପନୀୟ ।

ହେଲେ ମସିହା ସାଜି ପହଞ୍ଚିଲା
ଜଣେ ମଣିଷ
ଈଶ୍ୱରର ନାମ ତା'ର
ଚନ୍ଦ୍ରଶେଖର ।

ତା' ଭିତରେ ଥିବା
ଆକାଶ ଛୁଆଁ ଆତ୍ମ ପ୍ରତ୍ୟୟ
ନିଦରେ ଶୋଇ ପଡ଼ିଥିବା ମଣିଷ ମାନଙ୍କ
କାନରେ ଏପରି ଡେଙ୍ଗୁରା ପିଟିଲା ଯେ
ଭାଙ୍ଗିଦେଲା ନିଦ
ଭାଙ୍ଗିଗଲା କୁମ୍ଭକର୍ଣ୍ଣ ନିଦ ।

ଲେଲିହାନ ନିଆଁକୁ ପାପୁଲିରେ ରଖି
ତା' ଶିଖାରେ ସେ
ପରସ୍ତ ପରସ୍ତ ଅନ୍ଧାର ହଟେଇ ପାରେ
ବୋଲି ତ'
ଆଖି ମଳି ମଳି ଉଠିଲା ବ୍ୟାଧିଗ୍ରସ୍ତ ସମୟ
ଜାଗିଲେ
ତାତିଲେ ମାତିଲେ ଦୌଡିଲେ
ହାର୍ ମାନିଲା
ଦିନେ ଅସମ୍ଭବ ପରି ଲାଗୁଥିବା
ଶବ୍ଦର ଅର୍ଥ ମାନେ ।

ଜଣେ ଛୁଇଁଦେଲେ ମାଟି ପାଲଟିଯାଏ ସୁନା
ଜଣେ କହୁଥିବା କଥା ପାଲଟି ଯାଏ ମନ୍ତ୍ର
ପ୍ରମାଣ କରି ପାରନ୍ତି ଏହି ପୃଥିବୀର
କେହି କେହି ଚନ୍ଦ୍ରଶେଖର
ମଣିଷ ହେଲେ ବି
ତା' ଭିତରେ ଛପିଥାଏ କେଉଁଠି ନା' କେଉଁଠି
ଏକ ଈଶ୍ୱରୀୟ ସତ୍ତା ।

ଈଶ୍ୱର କେଉଁଠି ନଥାନ୍ତି
ଥାଆନ୍ତି ଆମରି ଭିତରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ
ଡେରାବିଶ କଲେଜ
ଡେରାବିଶ, କେନ୍ଦ୍ରାପଡ଼ା - ୭୫୪୨୮୯
ମୋ - ୯୭୭୭୮୪୩୦୩୧



### ଦହନ

**ଶ୍ୟାମା କିଙ୍କର ମହାନ୍ତି**

ଉଡାଣଖୋର ହେବାକୁ
ମନା ନ ଥାଏ
ହେଲେ ଉଡାଣ ଆରମ୍ଭିଲା ବେଳେ
ମାପିବାକୁ ହୁଏ
ନିଜ ଦୈର୍ଘ୍ୟ ପ୍ରସ୍ଥ ଉଚ୍ଚତା ,
ପରଖିବାକୁ ହୁଏ
ନିଜ ପରିଧିର ପାର୍ଶ୍ୱିକ ଅବସ୍ଥା ।


ସ୍ୱପ୍ନଭୁକ୍ ହେବା ତ
ଖୁବ୍ ସହଜ
ନା ପଇସା ପଡେ
ନା ପରିଶ୍ରମ
ସ୍ୱପ୍ନରେ ଘୂରିହୁଏ ଇନ୍ଦ୍ରଲୋକ
ସ୍ୱପ୍ନରେ ଲଭିହୁଏ ପାରିଜାତ,
ହେଲେ ସ୍ୱପ୍ନଭଙ୍ଗ ଖୁବ୍ ଭୟଙ୍କର
ପୀଡା ଦେଇ ଚାଲେ ଅବିରତ ।

ମନକୁ ପ୍ରଜାପତି କରି
ଉଡ଼ାଇ ଦେଲ ତ ?
ମନକୁ କେ ଅବା ଭରସା କରେ ,
ମନ ତ ଖୋଜିବୁଲେ ଫୁଲ
ହେଲେ ଫୁଲରୁ ବି କେବେ କେବେ
ନିର୍ଗତ ହୁଏ ନିଆଁ ଧାସ
ବିଚରା ପ୍ରଜାପତି ଜଳିପୋଡ଼ି ମରେ ।

♥ ମାର୍କଣ୍ଡେଶ୍ୱର ସାହି, ପୁରୀ
(ମୋ) ୯୮୬୧୧୯୧୩୮୦

### ତଥାପି ଖୋଜୁଛି

**ଦୁର୍ଗାଚରଣ ଷଡଙ୍ଗୀ**



ନିତି ପାହାନ୍ତାରୁ ମୁଁ ଉଠିବସେ
ତମରି ଡାକରେ ।
ଅଥଚ ଦେଖାଦିଅନି ତମେ
ଅଦୃଶ୍ୟ ହୋଇଯାଅ ବାରମ୍ବାର
ମୋ ଚେତନାର ଶୂନ୍ୟମଣ୍ଡଳରେ ।

ଏଇ ଖୋଜାଲୋଡା ଖେଳ
ପିଲାକାଳୁ ଏମିତି ଦେଲଯେ
ହୀନସ୍ତା ମୁଁ ହେଲି
ତମକୁ କେତେ ଯେ ଖୋଜିଲି
ତମେ କିନ୍ତୁ ନିର୍ବିକାର ତଥାପି ଲୁଚିଲ
ମୋ ସ୍ମୃତି ଉହାଡରେ ।

ଗଛପତ୍ରଙ୍କୁ ଚାହିଁଲି
କାଳେ ତମେ ଲୁଚିଥିବ
କଦବା କେଉଁଠି
ହସହସ ଫୁଲଙ୍କ ଓଠରେ
ଦିନାକେତେ ମହିମ୍ନ ସ୍ତବରେ
ତମକୁ ଆଡେଇ ଦେଖିଲି
ପବନ ଓ ନଈର ପାଣିରେ
ଏବେ ବି ଖେଶଜି ଚାଲିଛି ମୁଁ
ତମରି ଅସ୍ତିତ୍ୱ
ଏଇ ବଂଚିବାର କ୍ଷୀଣ ଆୟୁଷରେ ।

ଦିନେ ଦିନେ ନିରାଭରଣ ତମର
ଏ ଆକାଶକୁ ଚାହିଁ ରହିଥାଏ
ଉଦାସ ଆଖିରେ
ସେଠି କାଳେ ନିତି ପ୍ରତି ତମେ
ତାରା ଓ ନକ୍ଷତ୍ରଙ୍କ ମେଳେ
ଘୁରା ଫେରା କର ?

ଜହ୍ନ ଉଏଁ ବୁଡେ
ଅସ୍ତାଚଳେ ସୂର୍ଯ୍ୟ ଲୁଚିଯାଏ
ଏମିତି କାଳକ
ସେମାନେ ଖୋଜନ୍ତିନି ତମକୁ
କାଳ କାଳ ଧରି
ହେଲେ ତମେ ବୋହୂଚୋରୀ ଖେଳ
ଥାଅ କି ନଥାଅ- ଦୁଃଖ ଦିଅ
ପ୍ରିୟଜନ ପରି
ତଥାପି ମୁଁ ଚାଲିଥାଏ ଖେଶଜି
କାଳେ ତମେ କେବେ ଦିନେ
ମୋ ଭାଗ୍ୟକୁ ଦେଖା ହୋଇଯିବ ।

ହେ ମୋ ନିର୍ଦ୍ଦୟ ଈଶ୍ୱର
ତମର ଅସ୍ତିତ୍ୱ ସବୁ
ନେସି ହୋଇଯାଏ
କାଳେ ସଚରାଚରରେ
ତମେ କିନ୍ତୁ ନିର୍ବିକାର
କେବେ କାହାପାଇଁ ଦିଅନାହିଁ ଦେଖା
କାହା ପାଇଁ ତମର ବି ଶୋଚନା ନଥାଏ ।


ଖଣ୍ଡିଆଭୂତଟେ ହୋଇ ବେଳେବେଳେ
ଧୂଳିମାଟି ପାଣି ପବନ ସବୁକୁ
ହସି ହସି ଚୁରମାର କର
ପୁଣି ଫେରିବି କହି
ଅଝଟ ଶିଶୁଟେ
ତା' ମା'କୋଳେ କାନ୍ଦି କାନ୍ଦି
ଶୋଇଯିବା ପରି
ତମେ ମୋତେ ବହଲେଇ ଠକିଦେଇ
ଅଦୃଶ୍ୟରେ କିଆଁ ସତେ ଅନ୍ତର୍ଦ୍ଧାନ ହୁଅ !

♥ ଭୁବନେଶ୍ୱର
(ମୋ) ୯୪୩୮୫୩୫୫୭୭

# ସାହିତ୍ୟିକ ଲାଗି ତା'ର ସ୍ୱାଭିମାନ ଓ ଆତ୍ମସଂତୋଷଠୁ ବଳି ବଡ଼ ପୁରସ୍କାର ଆଉ ନାହିଁ: ଡ.ପ୍ରସନ୍ନ କୁମାର ମହାନ୍ତି

**ଡ. ପ୍ରସନ୍ନ କୁମାର ମହାନ୍ତି** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ବାସ୍ତବବାଦୀ ଭାବନା ଓ ଉପସ୍ଥାପନା ଭିତରେ ବୁଦ୍ଧିମନ୍ତ ତାଙ୍କର ଲେଖକୀୟସତ୍ତା । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସୃଜନଶୀଳ ମଣିଷ ଭାବରେ । କେବଳ କବିତା, ଗଳ୍ପ କି ଉପନ୍ୟାସ ନୁହେଁ, ବହୁ ମନନଶୀଳ ପ୍ରବନ୍ଧ, ସମାଲୋଚନା, ଭ୍ରମଣକାହାଣୀ ଲେଖି ଓ ବହୁ ଉଚ୍ଚକୋଟୀର ଗ୍ରନ୍ଥ ସମ୍ପାଦିତ କରି ସେ ପ୍ରଦର୍ଶିତ କରିସାରିଛନ୍ତି ନିଜର ପାରଦର୍ଶିତା ।
ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଆଜିଠୁ ୫୫ ବର୍ଷ ତଳେ ୧୯୭୦ ମସିହାରେ, ଯେତେବେଳେ ମୁଁ ମୋର ପ୍ରଥମ କବିତା ଲେଖିଲି ସେତେବେଳେ ସାହିତ୍ୟର କଣ କଣ ବିଭାଗ ଅଛି ତାହା ମୁଁ ନିଶ୍ଚୟ ଜାଣି ନଥିଲି । ପାଠକ ଭାବରେ ସେତେବେଳେ ମୋର ସବୁଠୁଁ ପ୍ରିୟ ସାହିତ୍ୟ ଥିଲା ଡିଟେକ୍‌ଟିଭ୍ ଉପନ୍ୟାସ । ମନୋଜ ନାଆଁରେ ମୋର ଜଣେ ସାଂଗ କବିତା ଲେଖୁଥିଲା । ସାଂଗମାନେ ସବୁ କ୍ଷେତ୍ରରେ ସମାନ ହେବା ଦର୍କାର; ତେଣୁ ମୋତେ ବି ତା' ଭଳି କବିତା ଲେଖିବାକୁ ହେବ- ଏଭଳି ବିଚାରରୁ ମୋର ଆରମ୍ଭ ହୁଏ କବିତା ଲେଖା । ଆମେ ଦୁହେଁ ପରସ୍ପରକୁ ନିଜ କବିତା ପଢ଼ି ଶୁଣାଉଥିଲୁ ଏକ ରୋମାଂଚକର ପରିବେଶରେ । ସେତେବେଳେ ଦୁହେଁ କେନ୍ଦୁଝରଗଡ଼ ଡି.ଏନ୍. ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥାଉ । ରାତିରେ ପାଠପଢ଼ା ଓ ରାତ୍ରିଭୋଜନ ସାରି ରାତି ପ୍ରାୟ ସାଢ଼େ ନଅଟା ବେଳକୁ ମନୋଜ ଆମଘର ସାମ୍ନାକୁ ଆସେ । ସେଠି ମୁଁ ତାକୁ ଅପେକ୍ଷା କରିଥାଏ। ଦୁହେଁ ଯାଇ ଅଳ୍ପ ଦୂରରେ ଏକ ଅପେକ୍ଷାକୃତ ନିର୍ଜନ ସ୍ଥାନରେ ଥିବା ଏକ ଚର୍ଚ୍ଚ ବାରନ୍ଦାରେ ବସୁ । ଷ୍ଟ୍ରିଟ୍ ଲାଇଟ୍‌ରୁ କୁଣ୍ଠିତ କ୍ଷୀଣ ଆଲୁଅରେ ସ୍ଥାନଟି ଥାଏ ଅର୍ଦ୍ଧାଧିକ ଭାବେ ଅଂଧକାରାଚ୍ଛନ୍ନ । ସେଠି ଗଛଗହଳରୁ ଲୁଚକାଳି ଖେଳୁଥିବା ଧାରେ ଆଲୁଅର ସାହାରାରେ ପରସ୍ପରକୁ ନିଜ କବିତା ପଢ଼ି ଶୁଣାଉ । ସେତେବେଳେ ଛୋଟିଆ କେନ୍ଦୁଝରଗଡ଼ ସହର ରାତି ୧୦ଟା ବେଳକୁ ନିଘୋଡ଼ ନିଦରେ ଶୋଇ ପଡ଼ିଥାଏ । ରାତିର ନିର୍ଜନତା ଭେଦି ଭାସି ଆସୁଥାଏ ପେଚାର ହୁଟ୍ ହୁଟ୍ ଶବ୍ଦ ଓ ଅନ୍ୟ ରାତ୍ରିଚର ପକ୍ଷୀର କୁହାଟ । ତାହାହିଁ ଥିଲା ଅଂକୁରୋଦ୍‌ଗମର କ୍ଷଣ । ପରେପରେ ମୀନାବଜାର (ପ୍ରଜାତନ୍ତ୍ର)ର ଜହୁରୀ ଭାଇ ଶ୍ରୀ ନୃସିଂହ ଚରଣ ସାହୁଙ୍କ ପ୍ରେରଣାରେ କବିତା ଲେଖାର ଏକ ଅବ୍ୟାହତ ଧାରା ବଳବତ୍ତର ରହେ । ଶିଶୁସାହିତ୍ୟ ଓ ଆଧୁନିକ କବିତା ହାତ ଧରାଧରି ହୋଇ ଚାଲନ୍ତି । କିଛି କାଳ ପରେ ଶିଶୁ ସାହିତ୍ୟର ପ୍ରବାହ ଅଟକିଯାଏ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ବାପା ହରେକୃଷ୍ଣ ମହାନ୍ତି ଥିଲେ ଆଜୀବନ ଆତ୍ମପ୍ରଚାର ବିମୁଖ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଜଣେ ଉଚ୍ଚକୋଟୀର ଲେଖକ । ବହୁ ଗୁରୁତ୍ୱପୂର୍ଣ୍ଣ ଗ୍ରଂଥର ସ୍ରଷ୍ଟା । ଏକ ଜୈବିକ ଉତ୍ତରାଧିକାର ତଥା ପ୍ରେରଣାର ହୁଏତ ତାହାହିଁ ହୋଇଥିବ ଏକ ଅଦୃଶ୍ୟ ଉତ୍ସ । ପ୍ରଥମ କବିତା ଲେଖା କଥା ଯେଉଁ କହୁଥିଲି, ତା'ର ଦୁଇବର୍ଷ ପରେ ୧୯୭୨ ମସିହାରେ, ପୁରୀରେ, ମେଟ୍ରିକ୍ ପରୀକ୍ଷା ପରବର୍ତ୍ତୀ ପରୀକ୍ଷାଫଳ ଲାଗି ଦୀର୍ଘ ଦିନର ଅପେକ୍ଷାମାଣ ଅବସରରେ ଥରେ ଘଟଣା କ୍ରମେ କବି ସଚ୍ଚି ରାଉତରାୟଙ୍କ 'ପାଂଡୁଲିପି' କବିତା ବହି ମୋ' ହାତରେ ପଡ଼େ । କବିତା ଗୁଡ଼ିକର ଥିମ୍ ବା କଥ୍ୟ, ଭାଷା, ଶୈଳୀ, ଛନ୍ଦ ଓ ସାମଗ୍ରିକ ଅଳଂକରଣ ତଥା ପରିବେଷଣ ଭଂଗୀରେ ମୁଁ ଏଭଳି ପ୍ରଭାବିତ ହୋଇପଡ଼େ ଯେ ସଚ୍ଚି ରାଉତରାୟ ସେଇଠୁ ପାଲଟି ଯାଆଂତି ମୋ ଲାଗି 'ମାଟିର ଦ୍ରୋଣ' ଏବଂ 'ପାଣ୍ଡୁଲିପି' ମୋ' ଆଦ୍ୟ କାବ୍ୟଜୀବନର 'ଗୀତା' । ସୌଭାଗ୍ୟ, ଏହାର ପ୍ରାୟ ୬/୭ବର୍ଷ ପରେ କଟକରେ ସଚ୍ଚି ରାଉତରାୟଙ୍କ ଘରର ଅତି ନିକଟରେ ବାପାଙ୍କ ସରକାରୀ କ୍ୱାର୍ଟର୍ସରେ ମୋର ପ୍ରାୟ ତିନିବର୍ଷ ଅତିବାହିତ ହୁଏ ଏବଂ କବି ଶ୍ରୀ ରାଉତରାୟଙ୍କ ସଂଗେ ବ୍ୟକ୍ତିଗତ ସଂପର୍କ ସେ ସମୟରେ ହୋଇଯାଏ ଅତ୍ୟନ୍ତ ନିବିଡ଼ । ସେସବୁ ଦିନର ସ୍ମୃତି ଅତ୍ୟନ୍ତ ଉଷ୍ମ, ଅନନ୍ୟ ଓ ମହାର୍ଘ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ 'ମୀନାବଜାର'ରେ ନିଜ ପ୍ରଥମ କବିତା ପ୍ରକାଶ ପାଇବା ଦିନ ନିଜକୁ ଛପା ଅକ୍ଷରରେ ଆବିଷ୍କାର କରିବା ନିଃସନ୍ଦେହରେ ଥିଲା ଏକ ରୋମାଂଚିତ ମୁହୂର୍ତ୍ତ । ୧୯୭୦ ମସିହାରୁ, ଯାହା କହୁଥିଲି, ଯୁଗପତ୍ ଶିଶୁ ସାହିତ୍ୟ ଓ ଆଧୁନିକ କବିତା ଲେଖା ଚାଲିଥାଏ । ୧୯୭୨-୭୩ ମସିହା କଥା । ସେତେବେଳେ ମୁଁ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜର ଛାତ୍ର । ଦିନେ କଲେଜ୍ ମାଗାଜିନ୍ ପାଇଁ ଲେଖା ଦେବାକୁ ନୋଟିସ୍‌ଟେ ଦେଖି ଖୁସି ହୋଇଗଲି । କିଂତୁ ପୁଣି ପାଦ ପଛକୁ ଘୁଂଚିଗଲା । ମୋ' କବିତା କଣ କଲେଜ ପତ୍ରିକାରେ ବାହାରିବ ? ଓଡ଼ିଆ ବିଭାଗର ମୁଖ୍ୟ ତଥା କଲେଜ ମାଗାଜିନ୍‌ର ମୁଖ୍ୟ ସଂପାଦକ ଥାଆଂତି କବି ଚିନ୍ତାମଣି ବେହେରା । ସାର୍‌ଙ୍କୁ ଯାଇ ମୁଁ ପଚାରିଲି- 'ସାର୍, ମାଗାଜିନ୍ ପାଇଁ ମୁଁ କବିତାଟେ ଦେଇ ପାରିବି ?' ସାର୍‌ଙ୍କ ଗମ୍ଭୀର ଉତ୍ତର ଆସିଲା- 'ଦେଇପାର । ହେଲେ ତାହା 'କବିତା' ହୋଇଥିବା ଦର୍କାର !' ଆହୁରି ଡରିଗଲି, ତଥାପି ସାହସ କରି ମୋର ସବୁଠୁ ଭଲ କବିତାଟିକୁ ଡାଏରିରୁ ଉତାରି ଅଫିସ୍‌ରେ ଥିବା ମାଗାଜିନ୍ ଲାଗି ଲେଖା ଦାଖଲ ନିମନ୍ତେ ଉଦ୍ଦିଷ୍ଟ ବାକ୍ସରେ ପକାଇଦେଇ ଆସିଲି । ଯେତେବେଳେ ମାଗାଜିନ୍ ବାହାରିଲା, ସେଥିରେ ଜଣେ ମାତ୍ର ଇଂଟରମିଡିଏଟ୍ ଛାତ୍ରର କବିତା ଥିଲା। ଆଉ ସେ ଛାତ୍ରଜଣକ ଥିଲି ମୁଁ । କବିତାର ଶୀର୍ଷକ ଥିଲା 'ଭଂଗା ହୃଦୟର କବିତା' । ଭାବିଲି- କବି ଚିନ୍ତାମଣି ବେହେରାଙ୍କ କଷଟିରେ ଉତ୍ତୀର୍ଣ୍ଣ ହୋଇ ମୁଁ ତ ସତରେ କବି ପାଲଟିଗଲି ! ଏହାର ମାତ୍ର ୩/୪ ବର୍ଷ ପରେ ଏମ.ଏ ଛାତ୍ର ଥିଲାବେଳେ 'ଝଂକାର'ରେ ପ୍ରଥମ କବିତା ପ୍ରକାଶ ପାଇଲା । ସେସବୁ ସମୟର କାବ୍ୟିକ ପରିତୃପ୍ତିବୋଧକୁ ପରସ୍ପର ସହ ତୁଳନା କରିବା ସହଜ ସାଧ୍ୟ ନୁହେଁ । କଥାକାର ବାଲ୍‌ଜାକ୍‌ଙ୍କ କହିବା ପ୍ରକାରେ କଲମର ଅସ୍ତ୍ର ଧରି ବିଶ୍ୱ ବିଜୟ କରିବା ଲକ୍ଷ୍ୟ ନୁହେଁ । ପୁରସ୍କାର ପାଇବା ଲକ୍ଷ୍ୟ ନୁହେଁ । ସମାଜକୁ ବଦଳାଇ ଦେବା ଲକ୍ଷ୍ୟ ନୁହେଁ । ଲକ୍ଷ୍ୟ କେବଳ ଗୋଟିଏ- ଭଲ କବିତା ଲେଖିବା । ପରିମାଣ ବା ସଂଖ୍ୟାର ମୋହରେ ନ ପଡ଼ିବା। ଆଦର୍ଶ ମଧ୍ୟ ମାତ୍ର ଗୋଟିଏ । ନିଜ ଆବେଗ ଓ ଶବ୍ଦମାନଙ୍କ ପ୍ରତି ବିଶ୍ୱସ୍ତ ରହିବା ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ କବିତା ଲେଖା ଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ?

■■ ସ୍ୱାଦ୍ୟ ମନେ ନହେଲେ ବି ସତ୍ୟ କଥାଟି ହେଲା ଯେ ସାହିତ୍ୟରେ କବିତାର ପରିମାଣଗତ ଅଭିବୃଦ୍ଧି ସହ ଏହାର ଗୁଣାତ୍ମକ ଅଭିବୃଦ୍ଧି ତାଳ ଦେଇ ପାରି ନାହିଁ। କବିତା ସ୍ୱଳ୍ପ ଶବ୍ଦରେ ଗଢ଼ି ହେଉଥିବା ସାହିତ୍ୟର ଏକ ସହଜସାଧ୍ୟ କଳା ବୋଲି ହୁଏତ ଅନେକଙ୍କ ଧାରଣା । କିଂତୁ ସ୍ୱଳ୍ପ ଶବ୍ଦର ପୁଂଜି ନିବେଶରେ କବିତା ଯେ ଏକ ବୃହତ୍ ପ୍ରକଳ୍ପ, ଏକଥା ଭୁଲିଯିବା ଉଚିତ ନୁହେଁ । ଗଳ୍ପ, ଉପନ୍ୟାସ ପରି କବିତା ଏକ କଥନଭିତ୍ତିକ, ବ୍ୟାଖ୍ୟାତ୍ମକ କଳା ନୁହେଁ । ବର୍ଣ୍ଣନା ନୁହେଁ, ବ୍ୟଂଜନା ହିଁ ଏହାର ଶକ୍ତି । ଆକାର ନୁହେଁ, ଆବେଗ ହିଁ ଏହାର ଆତ୍ମା । ତେଣୁ ଏହାର ରସାସ୍ୱାଦନ ସରଳ ନୁହେଁ । କବିତାର ପାଠକ ସଂଖ୍ୟା କମ୍ ହେଲେ ତେଣୁ ଚିନ୍ତିତ ହେବାର କାରଣ ନାହିଁ । କବିତାର ପାଠକମାନଙ୍କ କାବ୍ୟରୁଚି ଉନ୍ନତ ଓ ପରିପୁଷ୍ଟ ହେଲେ ଯଥେଷ୍ଟ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଦେଢ଼ଶହ ବର୍ଷ ତଳେ ଇଂରେଜ ପ୍ରଶାସକ ଓ ଭାଷାତତ୍ତ୍ୱବିତ୍ ଜନ୍ ବିମ୍‌ସ ଭାରତର କେତୋଟି ଭାଷାର ଆସନ୍ନ ବିପଦ ବିଷୟରେ କହିଥିଲେ । ମୋର 'ଓଡ଼ିଆ ସାହିତ୍ୟର ଇତିହାସ: ଆଦ୍ୟ ପ୍ରୟାସ' ପୁସ୍ତକରେ ଏକ ସଂପର୍କରେ ଅବତାରଣା ରହିଛି । ଭାଷାର ସଂକଟ କହିଲେ ଯଦି ଏହାର ଆସନ୍ନ ବିଲୁପ୍ତିକୁ ବୁଝାଏ, ତାହେଲେ ଦେଢ଼ ଦୁଇ ହଜାର ବର୍ଷର ଏକ ପ୍ରାଚୀନ ଉନ୍ନତ ଭାଷା, ଯାହା ଚାରି କୋଟିରୁ ଅଧିକ ଲୋକ ବ୍ୟବହାର କରନ୍ତି, ତାହାର ମୃତ୍ୟୁ ଏତେ ସହଜ ନୁହେଁ । ମାତ୍ର ଭାଷାର ଯାଦୃଚ୍ଛିକ ଓ ତ୍ରୁଟିପୂର୍ଣ୍ଣ ବ୍ୟବହାର ମଧ୍ୟ ଏହାର ଏକ ସଂକଟ ନିଶ୍ଚୟ । ଏଥିରେ ସରକାରଙ୍କର ଏକ ବଡ଼ ଭୂମିକା ରହିଛି । ଭାଷା-ସଂସ୍କାରଧର୍ମୀ ଉପଯୁକ୍ତ ପାଠ୍ୟପୁସ୍ତକ ଓ ତଦନୁଯାୟୀ ଉତ୍ତମ ତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ଆମର ଆଗାମୀ ପିଢ଼ିକୁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ହିଁ ଶୁଦ୍ଧ-ଭାଷା- ସଚେତନ ତଥା ମାତୃଭାଷାପ୍ରେମୀ କରି ଗଢ଼ି ତୋଳିବାକୁ ହେବ । କାରଣ ଗୁରୁ ହିଁ ଶିଶୁଙ୍କର ବ୍ରହ୍ମା। ତାଙ୍କ ବଚନ ତଥା ପାଠ୍ୟ ପୁସ୍ତକ ସେମାନଙ୍କ ପାଇଁ ବେଦ।

■ ଭଲ କବିତାର ସଂଜ୍ଞା କଣ ? କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ପ୍ରଥମତଃ ଭଲ କବିତାର କେନ୍ଦ୍ରରେ ଭଲ ଭାବାବେଗଟିଏ ଥିବା ଜରୁରୀ । ତା'ଛଡ଼ା କାବ୍ୟ-ଭାଷା ତଥା ବ୍ୟଂଜନା ଓ ପ୍ରତୀକ ଚିତ୍ରକଳ୍ପାଦି ଅଳଂକରଣରେ ମୌଳିକତା ଥିବା ତଥା 'କଳା' ନାମକ କମନୀୟତା ଥିବା ଲୋଡ଼ା । ପ୍ରକାଶଭଂଗୀ ଓ ଭାବ-ପ୍ରବାହ କୃତ୍ରିମତାମୁକ୍ତ ହେବା ସହ ବ୍ୟବହୃତ ପ୍ରତିଟି ଶବ୍ଦ ବିକଳ୍ପବିହୀନ ହୋଇଥିବା ଦର୍କାର । ସର୍ବୋପରି, କବିର ଭାବ ଓ ବକ୍ତବ୍ୟ ପାଖରେ ପହଂଚିବା ଲାଗି ପାଠକ ପଥଭ୍ରଷ୍ଟ ହେଉ ନଥିବା ଦରକାର । କାରଣ କବିତା ଯେତେ ପରିଶ୍ରମ କରି ଲେଖାଯାଉ, ଯଦି କବିର କଥ୍ୟଟି ଶେଷସୁଦ୍ଧା କୁହୁଡ଼ି ଭିତରେ ବୁଡ଼ି ରହେ, ତାହେଲେ ସବୁ ଶ୍ରମ ବୃଥା ! ଅଳ୍ପରେ କହିଲେ ଗୋଟିଏ ଭଲ କବିତା ପାଇଁ ସାମଗ୍ରିକ ସାଂଗଠନିକ ନିୟନ୍ତ୍ରଣ ଲୋଡ଼ା । ଅଭିଧାନରୁ ଆହୃତ ଗୁରୁଗମ୍ଭୀର ଶବ୍ଦ ଓ କୂଳକିନାରାବିହୀନ ଅବୋଧ୍ୟ ଚିତ୍ରକଳ୍ପାଦି ଦ୍ୱାରା କିଛି ପାଠକ ପ୍ରଭାବିତ ହୋଇପାରନ୍ତି । ହେଲେ ଶେଷତଃ ସେମାନଙ୍କ ଅବବୋଧରେ ତାହା କେବଳ ଶୂନ୍ୟସ୍ଥାନଟିଏ ହିଁ ସୃଷ୍ଟି କରିଥାଏ !

■ ଓଡିଆ ସାହିତ୍ୟର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରାଉଛି ବୋଲି ଆପଣ ମନେ କରନ୍ତି ? ଏହାର ନିରାକରଣର ଉପାୟ ?


■■ ଓଡ଼ିଆ ସାହିତ୍ୟର ପାଠକଙ୍କୁ ନେଇ ଆଶଂକାଗ୍ରସ୍ତ ହେବାର ବିଶେଷ କାରଣ ମୁଁ ଦେଖୁନି । ତେବେ ସାହିତ୍ୟ ଯଦି ପାଠକଙ୍କଠାରୁ ଦୂରକୁ ଚାଲିଯାଏ, ପାଠକ ତାକୁ ଅନୁସରଣ ନ କରିବା ସ୍ୱାଭାବିକ । ତା'ଛଡ଼ା ଯେଉଁଠି ଏବେ ବି ଆମର ୨୫% ଲୋକ ନିରକ୍ଷର ଓ ଲକ୍ଷଲକ୍ଷ ଲୋକ ଦାରିଦ୍ର୍ୟ ସହ ଲଢ଼ି ଜୀବନ ବଂଚନ୍ତି, ସେଠି ସାହିତ୍ୟର ଖାଉଟିଙ୍କ ସଂଖ୍ୟା କେତେ ବେଶି ବା ହୋଇପାରିବ ? ଖାଦ୍ୟ, ବସ୍ତ୍ର ଓ ବାସର ସମସ୍ୟା ଯେଉଁଠି ଉତ୍କଟ, ସେଠି ଜହ୍ନ ବି ଖଣ୍ଡେ ରୁଟି ପରି ଦିଶିବା ଅସ୍ୱାଭାବିକ ନୁହେଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଯଦି ସଫାସୁତୁରା ରହେ, ତାହା ପ୍ରାପକକୁ ଖୁସି କରିବା ସ୍ୱାଭାବିକ । କିଂତୁ କେତେକ ପୁରସ୍କାରର ପଦ୍ଧତି ଓ ପରିଣତି ଯେଉଁ ସ୍ତରରେ ପହଞ୍ଚିଲାଣି ତାହା କାହାକୁ ଅଛପା ନାହିଁ । କହିଲେ କୁଳ କୁଟୁମ୍ବଙ୍କୁ ଲାଜ । କୁଳରକ୍ଷା କେବଳ କାଳ ହାତରେ । ଅସଲରେ, ଜଣେ ଲେଖକ ଲାଗି ତାର ସ୍ୱାଭିମାନ ଓ ଆତ୍ମସଂତୋଷଠୁ ବଳି ବଡ଼ ପୁରସ୍କାର ଆଉ କିଛି ଅଛି କି ? ବାକି ବାର୍ତ୍ତା କଥା । କେତେ ଆଦର୍ଶ ବାର୍ତ୍ତା ତ ପବନରେ ଉଡ଼ିବୁଲୁଛି । କିଂତୁ ତା'ର ଗ୍ରାହକ କିଏ ? - ଚେତନାର ଉତ୍ତରଣ ହେଉ । ଜୀବନବୋଧ ଉଜ୍ଜ୍ୱଳ ହେଉ। ନୈତିକତା, ଆଦର୍ଶ ଓ ସଂବେଦନଶୀଳତା ସଂପ୍ରସାରିତ ହେଉ । ସାହିତ୍ୟିକର ତପସ୍ୟା ଓ ନିଷ୍ଠା ବିଶୁଦ୍ଧ ହେଉ । ପ୍ରତିବଦ୍ଧତା ଅଟଳ ରହୁ ।

❤❤

## ■ ଅଳ୍ପରେ ଡ. ପ୍ରସନ୍ନ କୁମାର ମହାଂତି



ଜନ୍ମ ତାରିଖ: ୧୭.୭.୧୯୫୬
ନିଜଗ୍ରାମ: ବାଳକାଟି, ଜି- ଖୋର୍ଦ୍ଧା
ପିତା: ୰ହରେକୃଷ୍ଣ ମହାନ୍ତି
ମାତା: ୰ଭାନୁମତୀ ମହାନ୍ତି
ବର୍ତ୍ତମାନ ଠିକଣା:
୩-ମହାଲକ୍ଷ୍ମୀ ନଗର, ଗଡ଼ମହାବୀର ରୋଡ଼, ଗ୍ୟାରେଜ ଛକ, ଭୁବନେଶ୍ୱର-୨
ମୋ: ୯୪୩୭୩୫୭୦୫୦

**ପ୍ରକାଶିତ ପୁସ୍ତକ-**

**କବିତା ଗ୍ରଂଥ:**
୧- ନିର୍ବାସନରୁ ଶବ୍ଦ
୨- ପ୍ରତ୍ୟୟର ପରିଧି
୩- ପ୍ରିୟସଖା
୪- ଛାଇ ସହ ଲୁଚକାଳି
୫- ପାଦେ ପାଦେ ଯୁଦ୍ଧ
୬- କାହାର ମନେ ନଥିବ
୭- ଅଳ୍ପ ଯାହା ବାକି
୮- ମୁଠାଏ ସ୍ୱର୍ଗ
୯- ଶ୍ରେଷ୍ଠ କବିତା


**ଗଳ୍ପ ଗ୍ରଂଥ:**
୧- ଅରଣ୍ୟ ଅଧିବାସ
୨- ଲୋହିତ ବୈରାଗ୍ୟ

**ଉପନ୍ୟାସ:**
୧- ଅଂଧାର ଆରପାଖେ


**ଭ୍ରମଣ କାହାଣୀ:**
୧- ସେ ଦେଶ
୨- ଆମେରିକା ଆଉଥରେ

**ପ୍ରବଂଧ ଓ ସମାଲୋଚନା:**
୧- ଓଡ଼ିଆ ସାହିତ୍ୟ ଇତିହାସ: ଆଦ୍ୟପ୍ରୟାସ
୨- ଗାଂଧୀଜୀଙ୍କ ପ୍ରେରଣାର ଉତ୍ସ
୩- ଦୃଷ୍ଟି ଓ ଦୃଷ୍ଟିକୋଣ

**ସଂପାଦିତ ଗ୍ରଂଥ:**
୧- ପଲ୍ଲୀକବି ସୃଷ୍ଟି ପରିଧି
୨- ସମକାଳୀନ ଓଡ଼ିଆ ଲେଖକ
୩- ଓଡ଼ିଆ ଲେଖକ ପରିଚୟ
୪- ଓଡ଼ିଶାର ଲୋକନୃତ୍ୟ
୫- ମଣିଷର ମହାକବି
୬- ମଣିଷର ମହାକବି ସଚ୍ଚିରାଉତରାୟ



ପ୍ରାଣପ୍ରିୟା ପତ୍ନୀ ଜ୍ୟୋସ୍ନାରାଉତ ମହାନ୍ତିଙ୍କ ସହ କବି ପ୍ରସନ୍ନ କୁମାର ମହାନ୍ତି...



ସୁଖୀ ପରିବାର : ଦୁଇ ପୁଅ, ବୋହୂ ନାତି, ନାତୁଣୀ ଓ ପତ୍ନୀଙ୍କ ସହ କବି ପ୍ରସନ୍ନ କୁମାର ମହାନ୍ତି...






ସମ୍ମାନିତ ହେବାର ମହାର୍ଘ ମୁହୂର୍ତ୍ତ...

ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୬

**ପ୍ରାୟ ଦୁଇ ଘଣ୍ଟାର ଅପେକ୍ଷା ପରେ ଘୋଷଣା କରାଗଲା ଯେ, ମୁମ୍ବାଇରୁ ଆସିଥିବା କୁଏ୍ୱତ ଏୟାରୱେଜର ଯାତ୍ରୀମାନେ ଡେସ୍କ ନମ୍ବର ଥ୍ରୀ ନିକଟକୁ ଆସନ୍ତୁ । ଡେସ୍କ ନିକଟରେ ପହଞ୍ଚିବା ପରେ ସେଠାରେ ବସିଥିବା ଯୁବତୀ ଜଣକ ଆମକୁ କହିଲେ ଯେ, ଯେହେତୁ ଫ୍ଲାଇଟ ଡିଲେ ହୋଇଯାଇଛି ସେଥିପାଇଁ ଯାତ୍ରୀମାନଙ୍କର ରହିବା ପାଇଁ କୁଏ୍ୱତ ଏୟାରୱେଜ ତରଫରୁ ବ୍ୟବସ୍ଥା କରାଯାଇଛି । ସେଥିପାଇଁ ଆମମାନଙ୍କୁ ହୋଟେଲକୁ ଯିବାକୁ ପଡିବ ।**

କୁଏ୍ୱତ ଇଣ୍ଟରନ୍ୟାସନାଲ ଏୟାରପୋର୍ଟର ସ୍ୱଚ୍ଛ କାଚ ଘେରା ବିରାଟ ଏୟାରପୋର୍ଟ । କାଚ ସେପାଖେ ଦ୍ୱିପ୍ରହରର ଧୁ' ଧୁ' ଖରା । କିଛି ଦୂରରେ ଲ୍ୟାଣ୍ଡ କରିଥିବା ଓ ଉଡାଣ ଭରିବା ପାଇଁ ପ୍ରସ୍ତୁତ ହେଉଥିବା ବିଭିନ୍ନ କମ୍ପାନୀର ଭିନ୍ନ ଭିନ୍ନ ଫ୍ଲାଇଟ । ଆଉ ଭିତରେ ଭିତରେ ନିଜର ଫ୍ଲାଇଟ ପାଇଁ ଅପେକ୍ଷାରତ ପୃଥିବୀର ବିଭିନ୍ନ ଅଞ୍ଚଳର ଯାତ୍ରୀ । ସତରେ ମଣିଷମାନଙ୍କ ମଧ୍ୟରେ କେତେ ବିବିଧତା ସତେ। ରଙ୍ଗ, ରୂପ, ପୋଷାକ ପରିଛଦ, ଆଦବକାଇଦା ।

ବର୍ତ୍ତମାନ ମୁଁ ଏକ ବିଚିତ୍ର ମାନସିକତା ମଧ୍ୟରେ ଥିଲି । କଣ କରିବି କିଛି ଚିନ୍ତା ମଧ୍ୟ କରି ପାରୁନଥିଲି । ବେଳୁବେଳ ହତାଶା ଓ ଆଶଙ୍କା ମୋତେ କବଳିତ କରିବାକୁ ଲାଗିଥିଲା। ମନ ମୋତେ ବାରବାର କେଞ୍ଚି ଦେଇ କହୁଥିଲା, 'ବେଶୀ ବାହାଦୁରୀ ମାରୁଥିଲୁ ନା , ଏବେ ଠିକ୍ ହେଇଛି । କଣ କରିବୁ କର। ଏକୁଟିଆ ବାହାରି ଆସିଲୁ ମୋ କଥା ନ ଶୁଣି । ମୁଁ କହୁଥିଲି ନା ସାହସୀ ହେବା ଭଲ କଥା, ହେଲେ ଦୁଃସାହସୀ ନୁହେଁ । ଏବେ ନାମ ନେ'। 'ହଠାତ୍ ମୋର ମାଆଙ୍କ କଥା ମନେ ପଡିଗଲା। ମାଆ ସବୁବେଳେ କୁହନ୍ତି, 'ଯେତେବେଳେ ପରିସ୍ଥିତିକୁ କାତ ପାଇବନି ସେତେବେଳେ ହାତ ଟେକି ଦେଇ ସର୍ବମୟ କର୍ତ୍ତାଙ୍କ ନିକଟରେ ନିଜକୁ ସମର୍ପି ଦେବା କଥା । ତୁମ ପାଇଁ ଯାହା ଠିକ୍, ସିଏ ତାହା ହିଁ କରିବେ । 'ଅଗତ୍ୟା ମୁଁ ଖୁବ୍ ବେଶୀ ବୋଳିବାଣୀ କରିବା ଆରମ୍ଭ କରିଥିବା ମନର ମୁହଁକୁ ବନ୍ଦ କରିବା ପାଇଁ ତା ଓଠରେ 'ଯାହା ହେବ ଭଲ ହେବ' ର ଟ୍ୟାଗକୁ ଲଟକେଇ ଦେଇ ତାକୁ ଅନ୍ୟତ୍ର ନେବାକୁ ଚେଷ୍ଟା କଲି । ମନେଇଲି ତାକୁ ଦେଖିବାକୁ ଏହି ଏୟାରପୋର୍ଟ ଭିତରେ ଏକାଠି ହୋଇଥିବା ଏକ ଛୋଟିଆ ପୃଥିବୀକୁ ।

କେତେ ଲୋକ ଆସୁଥିଲେ, କେତେ ଲୋକ ଯାଉଥିଲେ । କାହାର କାହାକୁ ଅନେଇବା ପାଇଁ ସମୟ ନ ଥିଲା । ସମସ୍ତେ ନିଜ ନିଜ ଧୂନ୍‌ରେ ବ୍ୟସ୍ତ । ମୋତେ ବେଶୀ ଆକର୍ଷିତ କରୁଥିଲା କୁଏ୍ୱତିମାନଙ୍କର ବେଶପୋଷାକ । କୁଏ୍ୱତର ଯୁବକମାନେ ଖୁବ ସୁନ୍ଦର । ଗୋରା, ଡେଙ୍ଗା, ବଳିଷ୍ଠ ଚେହେରା । ଆଉ ସେମାନଙ୍କର ପାରମ୍ପରିକ ପୋଷାକ ବି ସେମାନଙ୍କ ପରି ବିବାକ୍ ସଫେଦ। ଦେହରେ ପାଦ ଯାଏଁ ଲମ୍ବିଥିବା ଆଲଖାଲା ପରି ଏକ ପୋଷାକ, ଯାହାର ସାମ୍ନାପଟ ଖୋଲା ତାକୁ କୁହନ୍ତି ଦିଶଦଶା ଆଉ ମୁଣ୍ଡରେ ଗୁତ୍ରା ବା ସେମାଘ । ଏହା ଏକ ସ୍କାର୍ଫ ପରି ଚାରିକୋଣିଆ ବସ୍ତ୍ର ଯାହାକୁ ମୁଣ୍ଡରେ ଗୁଡାଯାଏ ଆଉ ଏହାକୁ ଠିକ୍ ଭାବରେ ରଖିବା ପାଇଁ ତା ଉପରେ ଏକ ଗୋଲାକାର ବଳା ରଖା ଯାଇଥାଏ । ଯାହାକୁ କୁହାଯାଏ 'ଅଗଲ' । ପୂର୍ବେ ଏହି 'ଅଗଲ'କୁ ଛେଳି କିମ୍ବା ଓଟର ବାଳରୁ ପ୍ରସ୍ତୁତ କରା ଯାଉଥିଲା । ଏବେ କିନ୍ତୁ ଅନେକ ପ୍ରକାର ଚିଜରୁ 'ଅଗଲ' ପ୍ରସ୍ତୁତ କରାଯାଉଛି । ଅନ୍ୟ ଅନେକ ମୁସଲମାନ ରାଷ୍ଟ୍ର ଭଳି ଏଠାରେ କି ପୁରୁଷ କି ନାରୀ ମୁଣ୍ଡର ବାଳ ଖୋଲା ରଖିବାକୁ 'ଗୁନାହ' ମନେ କରାଯାଏ । ସେଇଥିପାଇଁ ଏଠାରେ ନାରୀମାନେ ମୁଣ୍ଡରେ ହିଜାବ ଓ ପୁରୁଷମାନେ ମୁଣ୍ଡରେ ସେମାଘ ବାନ୍ଧିବା ବାଧ୍ୟତାମୂଳକ । ଆଉ ଏକ ଆକଳନ ଅନୁସାରେ ଏଠାରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ, ଉତ୍ତାପ, ବାଲି ଓ ଧୂଳି ମାଡରୁ ସେମାଘ ସେମାନନକୁ ରକ୍ଷା କରିଥାଏ । ହେଲେ ଅନ୍ୟ ଆରବ ଦେଶମାନଙ୍କ ପରି ଏଠାରେ ନାରୀମାନେ ମୁହଁ ଘୋଡେଇବାର ମୁଁ ଦେଖିଲିନି । ଏଠାକାର ମହିଳାମାନେ ଖୁବ୍ ସୁନା ପ୍ରେମୀ । ଅଧିକାଂଶ ମହିଳା ବେକରେ ମୋଟା ସୁନା ହାର ପିନ୍ଧିଥିବାର ଦେଖିଲି ମୁଁ । ଆଗରୁ କେବଳ ସିନେମା ପରଦାରେ ମୁଁ ଏପରି ପାରମ୍ପରିକ ପୋଷାକ ପିନ୍ଧିଥିବା ଲୋକଙ୍କୁ ଦେଖିଥିଲି, ଏବେ ସାମ୍ନାରେ ଚଳପ୍ରଚଳ ହେଉଥିବା ଦେଖି ମୁଁ ଆହୁରି ବେଶୀ ଉତ୍ସୁକ ହୋଇ ଉଠିଥିଲି ।



ଏପରି ପ୍ରାୟ ଦୁଇ ଘଣ୍ଟାର ଅପେକ୍ଷା ପରେ ଘୋଷଣା କରାଗଲା ଯେ, ମୁମ୍ବାଇରୁ ଆସିଥିବା କୁଏ୍ୱତ ଏୟାରୱେଜର ଯାତ୍ରୀମାନେ ଡେସ୍କ ନମ୍ବର ଥ୍ରୀ ନିକଟକୁ ଆସନ୍ତୁ । ଡେସ୍କ ନିକଟରେ ପହଞ୍ଚିବା ପରେ ସେଠାରେ ବସିଥିବା ଯୁବତୀ ଜଣକ ଆମକୁ କହିଲେ ଯେ, ଯେହେତୁ ଫ୍ଲାଇଟ ଡିଲେ ହୋଇଯାଇଛି ସେଥିପାଇଁ ଯାତ୍ରୀମାନଙ୍କର ରହିବା ପାଇଁ କୁଏ୍ୱତ ଏୟାରୱେଜ ତରଫରୁ ବ୍ୟବସ୍ଥା କରାଯାଇଛି । ସେଥିପାଇଁ ଆମମାନଙ୍କୁ ହୋଟେଲକୁ ଯିବାକୁ ପଡିବ ।

କୁଏ୍ୱତ ଏୟାରୱେଜର ପଲିସି ଅନୁସାରେ କୌଣସି କାରଣ ଯୋଗୁଁ ଯଦି ଫ୍ଲାଇଟ ବିଳମ୍ବ ହୋଇଛି ତେବେ ଯାତ୍ରୀମାନଙ୍କର ରହଣି ବ୍ୟବସ୍ଥା ଏୟାରୱେଜବାଲା କରିବେ । ଏବେ ଆମେ ଜଣେ ଗାଇଡ ପଛେ ପଛେ ଚାଲିଥିଲୁ ଯିଏ ଆମକୁ ନେଇ ଏୟାରପୋର୍ଟର ବସ ନିକଟରେ ପହଞ୍ଚେଇଲା । ବସରେ ବସିବା ପାଇଁ ଆମେ ଏୟାରପୋର୍ଟ ବାହାରକୁ ଗଲୁ । ହେଲେ ବାହାରକୁ ବାହାରି ଯାଇ ଲାଗିଲା ଆମେ ଯେମିତି ହଠାତ ଏକ ଉତପ୍ତ ବଳୟ ମଧ୍ୟରେ ପ୍ରବେଶ କରିଗଲୁ । ବାହାରେ ଥିଲା ପ୍ରଚଣ୍ଡ ଖରା । ଖରାର ତେଜ ଏତେ ଥିଲା ଯେ ଲାଗୁଥିଲା ଯେମିତି ଦେହ ହାତ ଜଳି ଯିବ । ମୁଣ୍ଡ ଉପରେ, ସୂର୍ଯ୍ୟଙ୍କ ଆଖିରୁ ଯେମିତି ନିଆଁ ଝୁଲ ଖସୁଥିଲା । ଯେତେଦୂର ଆଖି ପାଉଥିଲା ଚାରିଆଡେ ଖାଲି ଟାଆଁଶିଆ ମାଟି ଓ ବାଲି । କେଉଁଠି ଗଛପତ୍ର ତ ଦୂରର କଥା ଛୋଟିଆ ଦୁବଘାସଟିଏ ମଧ୍ୟ ଦିଶୁ ନ ଥିଲା । ସମସ୍ତେ ଦୌଡାଦୌଡି ହେଇ ଯାଇ ବସିଗଲେ ବସ ଭିତରେ । ବସ ଭିତର ଥିଲା ବାତାନୁକୂଳିତ । ପ୍ରାୟ ଦଶ/ ପନ୍ଦର ମିନିଟ ପରେ ବସ ଯାଇ ଅଟକିଲା ଏକ ବହୁତଳ ହୋଟେଲ ସାମ୍ନାରେ। ହୋଟେଲ 'ସାଫିର' । ଏହା କୁଏ୍ୱତ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଭିତରେ ଅଛି। ଏହା ଏକ ଷ୍ଟାର ହୋଟେଲ ହୋଇଥିଲେ ମଧ୍ୟ ରେଷ୍ଟ୍ରିକ୍ଟେଡ ଏରିଆ ମଧ୍ୟରେ ରହିଛି । ଆମେ ହୋଟେଲରେ ଓହ୍ଲାଇଲା ମାତ୍ରେ ଆମକୁ ଆମର ପାସପୋର୍ଟ କାଉଣ୍ଟରରେ ଜମା ଦେବାକୁ କୁହାଗଲା ଆଉ ଏକଥା ବି କହି ଦିଆଗଲା ଯେ ଆମେମାନେ ହୋଟେଲର କବାଟ ସେପଟକୁ ଯାଇପାରିବୁ ନାହିଁ କାରଣ ଆମ ପାଖରେ କୁଏ୍ୱତର ଭିସା ନାହିଁ । ପରେ ପରେ ସମସ୍ତଙ୍କୁ ଗୋଟେ ଗୋଟେ ଏଟିମ କାର୍ଡ ପରି କାର୍ଡ ଦିଆଗଲା ଯାହା ଥିଲା ରୁମର ଚାବି । କୁହାଗଲା, ରୁମରେ ଫ୍ରେସ ହୋଇ ତଳକୁ ଆସିବାକୁ । ତଳେ ଲାଉଞ୍ଜରେ ବୁଫେ ଲାଗିଥିଲା । ସମସ୍ତେ ସେଠାରେ ଆସି ଖାଇପାରିବେ ।



ମୁଁ ରୁମକୁ ଯାଇ ପ୍ରଥମେ ଫ୍ରେସ ହୋଇଗଲି । ଘରୁ ବାହାରିଲା ବେଳକୁ ଯେଉଁ ଡ୍ରେସ ପିନ୍ଧିଥିଲି ଏବେ ବି ମୋ ଦେହରେ ସେଇ ଡ୍ରେସ ଥିଲା । ଡ୍ରେସଟା ବଦଳେଇ ଦେଲେ ଟିକେ ଭଲ ଲାଗିବ ଭାବି ମୁଁ ମୋର କ୍ୟାବିନ ବ୍ୟାଗ ଅଣ୍ଡାଳି ପକେଇଲି । ହେଲେ ସେଥିରେ କେବଳ ଗୁଡାଏ ବହିପତ୍ର ଓ ଅନ୍ୟାନ୍ୟ ଜିନିଷ ଥିଲା। ମୋର ବାକି ସବୁ ଜିନିଷ ଚେକ-ଇନ ବ୍ୟାଗରେ ଚାଲି ଯାଇଥିଲା। ସେଇ ବ୍ୟାଗସବୁ ମୋତେ ଆମେରିକାରେ ପହଞ୍ଚିଲା ପରେ ମିଳିବ । ମୁଁ କ୍ୟାବିନ ବ୍ୟାଗଟିକୁ ପୁରା କାଢି ପକେଇଲି । ସେଥିରେ କେବଳ ଗୋଟେ ଘରପିନ୍ଧା ଟପ ଓ ଗୋଟେ ଷ୍ଟୋଲ ଥିଲା । ଆଉ କିଛି ଲୁଗାପଟା କିମ୍ବା କୌଣସି ମେକଅପ ଜିନିଷ ନ ଥିଲା ସେଥିରେ। ଅଗତ୍ୟା ମୁଁ ତାକୁଇ ବଦଳେଇ ଦେଇ ଖାଇବାକୁ ଯାଇ ପହଞ୍ଚିଗଲି ଡାଇନିଙ୍ଗ ହଲରେ।

(ଆରଥରକୁ)



♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

ପଢିବା ପରେ

# ସତ୍ୟରଂଜନଙ୍କ 'ଅପ୍ରେମ ଯେତେକେ': ଆସ୍ଥା ଓ ଆହ୍ୱାନର ଶକ୍ତିଶାଳୀ ସ୍ୱର

"ପ୍ରେମମନସ୍କ ପୃଥିବୀରେ ଅପ୍ରେମର ଉଚ୍ଚାରଣ ହିଁ ଏକ ଅନ୍ୟତା। ଏହା ଅନାବରଣ କରେ କେଉଁ ଏକ ଅନୁପସ୍ଥିତିର ଅବା କେଉଁ ଅବାନ୍ତର ଉପସ୍ଥିତିର। ଏହାକୁ ସମସ୍ତେ ଅନବରତ ଭୋଗି ଚାଲନ୍ତି। ଅଲକ୍ଷ୍ୟରେ, ହେଲେ ପ୍ରକାଶ୍ୟରେ ପ୍ରେମର ହିଁ ଡିଣ୍ଡିମ ପିଟନ୍ତି ଅହରହ।

ପ୍ରେମ ଯଦି ଏକ ମୁକ୍ତି- ପାପର, ପତନର ଓ ପ୍ରଳୟର, ଅପ୍ରେମ- ପ୍ରେମକୁ ବୁଝିବାର ଆମ୍ବଲିପି ଓ ଅକ୍ଷର। ପ୍ରେମରେ ଖୋଳପା ପିନ୍ଧି ଅପ୍ରେମରେ ମଗ୍ନ ଆପଣାର ଲୋକ ହିଁ ଚିହ୍ନାଇ ଦିଅନ୍ତି ଏହାର ସ୍ୱରୂପ ଓ ଅପସ୍ୱର। ପ୍ରେମ ନୁହେଁ ଅପ୍ରେମ ହିଁ କଠୋର ବାସ୍ତବତା ଓ ବର୍ତ୍ତମାନ।

\+ + + +

ପ୍ରେମ ମୋତେ ସେତେ ଆଶ୍ଚର୍ଯ୍ୟ କରିନି ବରଂ ଅପ୍ରେମ ଅନେକଥର ଆଚମ୍ବିତ କରି ମୋତେ କରିଛି ଆଉଟିକେ ପରିପକ୍ୱ ଓ ଶାନ୍ତ । ଇନ୍ଧପ ଯୋଗାଇଛି ମୋ କଲମକୁ, ଦୂରେଇ ଦେଇଛି ଗହଳିରୁ, ଖୋଜିଆଣିଛି ନିଖୋଜତାରୁ । ଅପ୍ରେମ ନଥିଲେ ହୁଏତ ନଥାନ୍ତା ମୋ ଭିତରେ ଭଲପାଇବାର ଶକ୍ତି, ନଥାନ୍ତା ଏ କବିତାର ଶବ୍ଦ କିମ୍ବା ଧାଡି ।"

ଏତକ ବକ୍ତବ୍ୟ କବି ସତ୍ୟରଂଜନ ପ୍ରହରାଜଙ୍କର ଯାହା 'ଅପ୍ରେମ ଯେତେକ' କବିତା ବହିର ଆରମ୍ଭରେ 'ଅପ୍ରେମର ଅପସ୍ୱର' ଶୀର୍ଷକରେ ଲେଖିଛନ୍ତି ଓ ଅପ୍ରେମ ଅନ୍ଧାରରେ ପ୍ରେମର ଆଲୁଅ ବାଣ୍ଟିଥିବା ଦିବଂଗତ ଶାଶୁମା'ଙ୍କୁ ପୁସ୍ତକଟିକୁ ଉତ୍ସର୍ଗ କରିଛନ୍ତି କବି ସତ୍ୟରଂଜନ ।

ମଣିଷ ପ୍ରେମ ଖୋଜେ । ଜୀବନ ଜିଇବା ପାଇଁ ପ୍ରେମ ଗୋଟେ ଅପରିହାର୍ଯ୍ୟ ଆବଶ୍ୟକତା। କିନ୍ତୁ ପ୍ରେମ ନାଁରେ ଯାହା ମିଳେ ତାହା କେତେବେଳେ ହୋଇଯାଏ ଗଙ୍ଗଶିଉଳର ଗୀତ ତ କେତେବେଳେ ପଶାଖେଳର କାରୁଣ୍ୟ, ପୁଣି କେବେ କୁରୁକ୍ଷେତ୍ରର ଅନ୍ଧାର; ତାକୁ ଅପ୍ରେମର ନାଁ ଦେଇ 'ଥଇଥାନ' ଠାରୁ 'ମୁଖାଗ୍ନି' ଯାଏ 'ସିଂହାସନ', ଗଙ୍ଗଶିଉଳିର ଗୀତ', 'ପରିଚୟ ଦେ ପୃଥ୍ୱୀ !', 'ସେ ଛାଇ ମୋର ନୁହଁ', 'ବନ୍ଧୁ', 'କାରିଗର', 'ଅନ୍ଧପୁତୁଳି', 'ଅଚିହ୍ନା ସକାଳ', 'ଯୁଦ୍ଧରେ କେଉଁଠି', 'ମୋତେ ମରିବାକୁ ହୁଏ', 'ନିଜକୁ ଖୋଜ', 'ଦୃଶ୍ୟାତୀତ', 'ଅପେକ୍ଷା ଅସରନ୍ତି', 'ବ୍ୟତିକ୍ରମ', 'ପାସୋରା ନଈର ଡାକ', 'ଅଥଚ ପରାସ୍ତ', 'ସାରାଂଶ', 'ଶବ୍ଦଦ୍ରୋହ' ଆଦି ପଇଁଚାଳିଶଟି କବିତାରେ ସଜାଡି ଦେଇଛନ୍ତି କବି ନିଜ ଅନୁଭୂତିର ଅନୁଭବ ଦେଇ ।


'ଅପ୍ରେମ ଯେତେକ' ପଢିବା ଆରମ୍ଭ କଲାବେଳକୁ କବିଙ୍କ କଥାଗୁଡ଼ିକ ଲାଗେ ବେଶ୍ ସତ୍ୟଶୀଳ ଓ ମାର୍ମିକ।

"ଏଯାବତ୍ ଜାଣିପାରିଲିନି
ଏ ପୃଥିବୀରେ ଟିକେ ବୋଲି
ଜାଗା ନାହିଁ ମୋର
କାହା ଦୟାର ପାତ୍ରରେ
ପରଶୁଛି ନିତି
ସବୁତକ ସ୍ୱପ୍ନ
କଙ୍କାଳର କଣ୍ଠରେ ଟାଙ୍ଗି ଚାଲିଛି
ପ୍ରଗତିର ଚିତ୍ର। (ଥଇଥାନ)

ଏ କଥା କିଏ ନଜାଣିଛି ଯେ ବ୍ୟଥିତ ପ୍ରାଣର ହାହାକାର ହିଁ ପାଲଟି ଯାଏ କବିତାର ଧାଡ଼ି! କିଏ ନଜାଣିଛି ନିଜକୁ ହିଁ ଆଙ୍କିବାକୁ ପଡ଼େ ନିଜ ବ୍ୟଥା ଓ କଥାର ଚିତ୍ର!! ନିଜ ଅଭିଷେକ, ରଣାଙ୍ଗନ, ପରାଜୟ ଅବା ବନବାସର ଚିତ୍ର!!!

କବି ସେତିକିବେଳେ ସଫଳ, ଯେତେବେଳେ ନିଜ ଛାତି ଚିପୁଡ଼ା ଆକୁଳତାରେ ଫୁଟେଇ ପାରନ୍ତି ଜୀବନ ଜୀଜିବିଷାର ଫୁଲ କବିତା ଡାଳରେ। ପ୍ରାପ୍ତି ଭିତରେ ଅପ୍ରାପ୍ତି ଆଉ ପ୍ରେମ ଭିତରେ ଖୋଜିପାରନ୍ତି ଅପ୍ରେମର ଅବସୋସ। ସେଇଥିପାଇଁ କବି ସତ୍ୟରଂଜନ ଲେଖନ୍ତି-

"ସାଲୁବାଲୁ ଛାଇମାନଙ୍କ ମଝିରେ ଠିଆ
କବି କଣ ଖୋଜିପାରେ
ଆଗାମୀ କବିତାର ଚିତ୍ର କି ଶୀର୍ଷକ
ଚିହ୍ନା ମୁହଁମାନେ ଦେଇଯାନ୍ତି କି
ଚିନ୍ତା କରିବାର ଶବ୍ଦ
ନା ଅଚିହ୍ନାମାନେ ଅଚାନକ
ନିଃଶବ୍ଦ ବିଦାୟ!
\+ + + +
ସେଠି ସଭା, ସୂର୍ଯ୍ୟାସ୍ତ, ସମ୍ବର୍ଦ୍ଧନା
ମ୍ଳାଘା ଓ ସାନିଧ୍ୟର ଅନ୍ତରାଳେ
ଭାରି ଖାଁ ଖାଁ ଏକ ଶୂନ୍ୟବଣ
ଆହତ ଆଲୁଅର ଛାଇରେ
କେହିଜଣେ ପିଛା କରୁଥାଏ ଅହରହ
ଶୁଭୁଥାଏ ଅଦୂରରୁ
ସମୟ ସମାପ୍ତ!
ଯେଝା ଯେଝା ମୁଖା ଖୋଲି
ଏବେ ଫେରିଯାଇପାରେ ମଣିଷ।(ଭିଡ଼)






ବିଶ୍ୱାସ ଅବିଶ୍ୱାସର ବନ୍ଦନୀ ମଝିରେ ମଣିଷ ଚିରକାଳ ବନ୍ଦୀ। ଅନ୍ଧାରର ଅରୁଣିମା ଭିତରେ ଖୋଜୁଥାଏ ଚିରୁଡ଼ାଏ ବିଜୁଳି। ଯୋଉଥିରେ ଦେଖାଯାଏ ଗୋଟେ ଘରର ଚିତ୍ର ଓ ଅପାରଗ ସଂସାରୀର ରଂଗଛାଡ଼ା ମୁହଁ। ଯୋଉଠି ଆଖିରେ ଥାଏ ମଳାନଈ ଓ ଛାତିରେ କୋହର ପଥର। କବି ସତ୍ୟରଂଜନଙ୍କ ସତ୍ୟଶୀଳ ଉଚ୍ଚାରଣର ଗୋଟେ ଚମତ୍କାର ପଙ୍କ୍ତି-

"ବୋଉ କାନ୍ଦେ ଚିତ୍ରରେ,
ବାହାରର ବର୍ଷାପରି, ଚୁପ୍‌ଚାପ୍ ଅଦୃଶ୍ୟ
ତା କାନିଗଣ୍ଠିର ସାଇତା ସ୍ୱପ୍ନକୁ
ମୁଁ ବୋହି ଚାଲିଥାଏ ଆମରଣ
କେବେ ସାଜେ ଶ୍ରବଣ କୁମାର
କେବେ ଭୋଗେ ଭଗୀରଥ ଦୁଃଖ
\+ + + +
ମୁଁ ମେରୁଖୁଣ୍ଟ ପରି
ଠିଆଥାଏ ଗୋଟିଏ ଜାଗାରେ
ମୋରି ଚାରିପଟେ ଟଳମଳ
ବିଶ୍ୱାସର ଘର। (ଘର)

ଗୋଟିଏ ଦୁଇଟି ନୁହେଁ, ଅନେକ ଜୀବନାନୁଭୂତିର ନିଚ୍ଛକ ଚିତ୍ର ଆଙ୍କିଛନ୍ତି କବି ସତ୍ୟରଂଜନ ତାଙ୍କ 'ଅପ୍ରେମ ଯେତେକ'ରେ। କେତେବେଳେ ଭିଡ଼ରେ ଦେଖିଛନ୍ତି ହଜିଯାଉଥିବା ଆଖିର ଅଲୋଡ଼ା ସମ୍ଭାଷଣ ତ କେତେବେଳେ ଘର ଭିତରେ ଅଧାଦେଖା ସ୍ୱପ୍ନର ଅସ୍ତିତ୍ୱ। କେତେବେଳେ ମାଗିଛନ୍ତି ପୃଥ୍ୱୀକୁ ପରିଚୟ ତ କେତେବେଳେ କହିଛନ୍ତି ତ ସେ ଛାଇ ମୋର ନୁହେଁ। ଆଖିରେ ଅନ୍ଧପୁତୁଳି ବାନ୍ଧି ଅଚିହ୍ନା ସକାଳରେ ଅସରନ୍ତି ଅପେକ୍ଷା ନେଇ ଲେଖିଛନ୍ତି ଜଣେ କବିର କଥା।

ସବୁଠି ଦିଶୁଛି ଗୋଟେ ଅଦ୍ଭୁତ ଆତ୍ମବିଶ୍ୱାସ। ସବୁଠି ଦିଶୁଛି ବିଦ୍ରୋହୀ ଅନ୍ତରର ଛଳଛଳ ଅଭିମାନ। ସବୁଠି ଦିଶୁଛି ବାସ୍ତବତାର ଘନ ନିବିଡ଼ ଚିତ୍ରଦୃଶ୍ୟ।

କୋଉଠି ଟଳମଳ ହେଇନାହିଁ କବି ସତ୍ୟରଂଜନଙ୍କ ପାଦ, କୋଉଠି ଝୁଣ୍ଟିନାହାନ୍ତି କି ଝୁଣ୍ଟିବାକୁ ପଡିନି ପାଠକଙ୍କୁ କୌଣସି ବିକ୍ଷିପ୍ତ ଶବ୍ଦରାଜି କି ଭାବକୁ । କବି ସତ୍ୟରଂଜନଙ୍କ କବିତାରେ ଥିବା ସେମିତି ଆତ୍ମବିଶ୍ୱାସ ଭରା କେତୋଟି ଚମତ୍କାର ଚିତ୍ର-

"ଆଜି ତୁମ ଅସ୍ୱୀକାରର ଅହଙ୍କାରରେ
ମୁଁ ପାଲଟିଯିବିନି କ୍ରୀତଦାସ
ଚାଟି ପାରିବିନି ତମ ଉଚ୍ଛିଷ୍ଟ
ବିଷର ମଲମ ଧରି
ତମେ ଆଉଁସି ଦେଇପାର କ୍ଷତ
ମୁଁ ତ ଆଣ୍ଠୁ ଭାଂଗିବା ଆଗରୁ
ନିଜ ହାତରେ କାଟି ଦେଇପାରେ ଗୋଡ଼
କବନ୍ଧ କରିଦେଇପାରେ
ତୁମ ପାଇଁ ମୋର ସବୁ ପ୍ରିୟତମ ଶବ୍ଦ।
(ମୋତେ ମୋ ପରି ହେବାକୁ ଦିଅ)
\+ + + +
ଶବ୍ଦ କି ଶବ୍ଦମାନଙ୍କ ଶୋଭାଯାତ୍ରାରେ
ସ୍ଥାଣୁ ପାଲଟିଯାଉଥିବା କବିର ହାତଟି
ମୋର ହୋଇପାରେ
ହେଲେ, ଅରାଏ ଅନ୍ଧାରକୁ
ଆଲୁଅ ବୋଲି କହୁଥିବା
ସଲବଲ ଛାଇମାନଙ୍କ
ମିଛସ୍ୱର କି ସନ୍ତାପ ମୋର ନୁହେଁ!
(ସେ ଛାଇ ମୋର ନୁହେଁ)
\+ + + +
ମୋ ଆଖିରେ ଅନ୍ଧପୁତୁଳି ବାନ୍ଧି
ତମେ ଖୋଲି ଦେଇପାର
ମୁଖା ଓ କବଚ
ଲଙ୍ଗଳା ଦେହକୁ ଚାହିଁ
ମନେପକାଇ ପାର ନିଷ୍ପାପ ପିଲାଦିନ
ଓ ବିଭସ୍ସ ଯୌବନ।
(ଅନ୍ଧପୁତୁଳି)
\+ + + +
ନିଜକୁ ଖୋଜ
ହତାଶାର କୋଳାହଳରେ
ତୃଷାରେ, କ୍ଷୁଧାରେ
ପବନର ପେଟରେ
ନଈର ନାଡରେ
ଗର୍ଭରେ, ଗହ୍ୱରରେ
ଅନାହାରରେ, ଆତଙ୍କରେ
ଏପରିକି ନିଜ ଯୁଇରେ
ଓ ଚାରିପଟେ କାନ୍ଦୁଥିବା
ମଣିଷମାନଙ୍କ ଛବି ଓ ଛନ୍ଦରେ।
(ନିଜକୁ ଖୋଜି)
\+ + + +
ଅଧାରୁ ସରିଯାଇଥିବା ଅନଶନରୁ
ଫେରୁଥିବା ଶୁଖିଲା ମୁହଁକୁ
କେହିଜଣେ ପଚାରେ କି
ପାଇଲା କି ନାହିଁ ଅଧିକାର...
କଣ ଦେଖିପାରେ
ଲୋଚାକୋଚା ଚମଡ଼ାରେ ହଜିଲା ବୟସ
ଖୁଣ୍ଟ ପରି ଦେହକୁ ଦୟାକରି
ଫେରି ଯାଇଥିବା
ସର୍କାରର ଲାଠି ଓ ବନ୍ଧୁକ?
(ଅଧିକାର)
\+ + + +
କିଏ ସିଏ
ଯାହା ନିରବତାରେ
ଚୁପ୍ ହୋଇଯାଏ ଭାଓଲିନ୍
ଖୋଲିଯାଏ
ଲୁହ ପରି ରୁଦ୍ଧ ଝରର ଦ୍ୱାର
ଫେରିପାରେନି ପାଦ ଯୋଡ଼େ
କାଠ ଯୋଡ଼ି ମୁଣ୍ଡରୁ
ନିଶାଗଡ଼େ ରାତିର
କେହିଜଣେ ଆସ୍ତେ ଆସି ପଚାରୁଥାଏ
ନଈପାଣିରୁ
ଜହ୍ନକୁ ଉଠେଇ ନେଉଥିବା ହଂସଟି
କାହା ପ୍ରତିରୂପ ?
ପ୍ରେମର ନା ଅପ୍ରେମର !
(ଅପ୍ରେମ ଯେତେକ)

ବହିର ଆରମ୍ଭରେ ନବପ୍ରଜନ୍ମର କବି ସତ୍ୟରଂଜନଙ୍କ କବିତା ଉପରେ ମତ ରଖିବାକୁ ଯାଇ ବରିଷ୍ଠ କବି ପବିତ୍ର ମୋହନ ଦାଶ ଲେଖିଛନ୍ତି - "ସତ୍ୟଙ୍କର କବି ସତ୍ତା ବିପର୍ଯ୍ୟସ୍ତ ଜୀବନର ଭାଷ୍ୟକାର। ସେ ସକଳ ସମସ୍ୟା ଭିତରେ ଜୀବନର ସମ୍ଭାବନା ଦେଖେ। ସେହି କଥା କହିବା ପାଇଁ ତା ଭିତରୁ ଫୁଟି ଉଠେ ସ୍ୱର। ଶତ ହତାଶା ଭିତରେ ସେ ଆଶାବାଦୀ। ତେଣୁ ତା'ର ସ୍ୱପ୍ନର ଅଭିସାର ଜାରି ରହୁ। ସେଇ ଅଭିସାରର ନକ୍ସା ସତ୍ୟଙ୍କ କବିତାର ମୂଳ।"

ମୋଟ ଉପରେ କହିବାକୁ ଗଲେ କବି ସତ୍ୟରଂଜନ ପ୍ରହରାଜ ନବପିଢିର କବି ହୋଇଥିଲେ ମଧ୍ୟ ତାଙ୍କ କବିତାରେ ଅଛି ଯେଉଁ ଚମତ୍କାରୀ ଶବ୍ଦ ସଂଯୋଜନା, ଭାବର ଦୃଢତା, ଅନୁଭବର ସାନ୍ଦ୍ରତା ଏବଂ ଦୃପ୍ତ ଉପସ୍ଥାପନା; ତାହା ତାଙ୍କୁ ଦିନେ ନିଶ୍ଚୟ ସଫଳତା ପ୍ରଦାନ କରିବ, ଏଥିରେ ଦ୍ୱିମତ ନାହିଁ । ସମସ୍ୟା ଓ ସଂଘାତର ଚକ୍ରବ୍ୟୂହ ଭିତରେ ସେ ଯେଉଁ ପ୍ରେମକୁ ଖୋଜିଛନ୍ତି ଆଉ ସଜାଡିଛନ୍ତି 'ଅପ୍ରେମ ଯେତେକ' ପରି କବିତା ବହିଟେ, ତାହା ପାଠକଙ୍କୁ ବାନ୍ଧି ରଖିବାକୁ ସମର୍ଥ ଗୋଟେ ଆବେଗିକ ଆବେଶରେ, ଯୋଉଥିରେ ଅନୁରଣିତ ହେଉଛି ଆସ୍ଥା ଓ ଆହ୍ୱାନର ଗୋଟେ ଶକ୍ତିଶାଳୀ ସ୍ୱର । ତାଙ୍କ ପାଇଁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ବହିଟି ଟାଇମ୍ ପାସ୍ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ସାହିତ୍ୟରେ ନୈତିକ ମୂଲ୍ୟବୋଧ

♥ ରମେଶ ଚନ୍ଦ୍ର ନାୟକ



ମାନବିକ ଚେତନାର ବିମଳ ପରିପ୍ରକାଶ ହେଉଛି ସାହିତ୍ୟ। ଜୀବନ ସହିତ ଏହା ଓତଃପ୍ରୋତ ଭାବେ ଜଡିତ। କୌଣସି ସମୟରେ ଜୀବନ ଠାରୁ ଅଲଗା ହୋଇ ସାହିତ୍ୟ ଭିନ୍ନ ସରଣୀରେ ଗତି କରି ନାହିଁ। ଯାହା ଜୀବନ ପ୍ରତି ଉପଯୋଗୀ, ତାହା ହିଁ ସାହିତ୍ୟର ଶ୍ରେୟ। ଜୀବନକୁ ନୈତିକ ଆଦର୍ଶ ଭାବଧାରା ଦ୍ୱାରା ଅନୁପ୍ରାଣିତ କରିବା ସାହିତ୍ୟର କର୍ତ୍ତବ୍ୟ। ସମାଜକୁ ମଧ ସଂସ୍କାର ତଥା ମାର୍ଜିତ ରୂପ ପ୍ରଦାନ କରିବା ସାହିତ୍ୟର ଅନ୍ୟତମ ଲକ୍ଷ୍ୟ। ପ୍ରାଥମିକ ସ୍ତରରେ ଧର୍ମ ଭାବର ପ୍ରଚାର ଉଦ୍ଦେଶ୍ୟରେ ସାହିତ୍ୟ ସୃଷ୍ଟି ଲାଭ କରିଥିଲା। ଧର୍ମରେ ସର୍ବଦା ନୈତିକତା ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ। ଧର୍ମର ଜୟ ଏବଂ ପାପରୁ କ୍ଷୟ - ଏହାହିଁ ଥିଲା ମାନବ ସମାଜକୁ ସାହିତ୍ୟର ଆଦ୍ୟବାର୍ତ୍ତା।

ରୁଚିର ପରିବର୍ତ୍ତନ ଅନୁଯାୟୀ ସାହିତ୍ୟର ଆଙ୍ଗିକ ଓ ଆତ୍ମିକରେ ଲକ୍ଷଣୀୟ ପରିବର୍ତ୍ତନ ସଂଘଟିତ ହେଲେହେଁ, ସମାଜ ପ୍ରତି ସାହିତ୍ୟର କର୍ତ୍ତବ୍ୟବୋଧରେ କୌଣସି ପରିବର୍ତ୍ତନ ଘଟିବ ନାହିଁ। ଜୀବନକୁ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ ଏହା ମାନବ ସମାଜକୁ ପ୍ରେରଣା ପ୍ରଦାନ କରିଥାଏ। ଏତଦ୍ ସହ ଜୀବନକୁ ପରୀକ୍ଷା କରିବା ପାଇଁ ସାହିତ୍ୟ ଆଦର୍ଶ ଓ ନୀତିବାଦର କଷଟି ପଥର ବ୍ୟବହାର କରିଥାଏ। ଏହି ଦୃଷ୍ଟିରୁ ସାହିତ୍ୟରେ ନୈତିକତାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

ନୀତିହୀନ ସାହିତ୍ୟ ସମାଜକୁ କଳୁଷିତ କିରିଥାଏ। ମାନବ ଜୀବନକୁ ବିପଥଗାମୀ କରିବାରେ ସହାୟତା କରେ। ମାନବର ପଶୁ ପ୍ରବୃତ୍ତିକୁ ଉତ୍ତେଜିତ କରି ସମାଜରେ ହିଂସାଭାବ ସୃଷ୍ଟି କରିଥାଏ। ସଂଯମ ହୀନତାର ପରିପ୍ରଚାର ଯୋଗୁଁ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇଉଠେ। ଏହି କାରଣରୁ ବହୁ ମୂଲ୍ୟବାନ ସୃଷ୍ଟି ଶ୍ରେଷ୍ଠ କଳାକୃତି ହୋଇଥିଲେହେଁ , ତୀବ୍ର ସମାଲୋଚନାର ଶରବ୍ୟ ହେବାକୁ ବାଧ ହୋଇଛି। ସମାଜକୁ ଦିଗଦର୍ଶନ ଦେବାର ଦାୟିତ୍ୱ ସାହିତ୍ୟିକର । ସେଇଥିପାଇଁ ଆମର ପୁରାଣକାରମାନେ ତାଙ୍କ କୃତିରେ ସର୍ବଦା ସୁନୀତି ଓ ସୁରୁଚିର ଉପାସନା କରିଛନ୍ତି।

ସାହିତ୍ୟର ଲକ୍ଷ୍ୟ ମାନବ ଜୀବନକୁ ସରଳ ସୁନ୍ଦର କରି ଗଢିତୋଳିବା। ସାହିତ୍ୟ ଉପାସନା କରେ ସତ୍ୟ , ଶିବ , ସୁନ୍ଦରର। ନୀତିବାଣୀ ମାଧ୍ୟମରେ ମାନବ ସମାଜକୁ ଶୃଙ୍ଖଳିତ କରେ। ସାହିତ୍ୟ ନୀତିଶାସ୍ତ୍ର ହେଲେହେଁ , ସମାଜକୁ ସୁସ୍ଥ ଓ ସୁନ୍ଦର କରିବା ତାହାର ଧର୍ମ। ଏହି ଦୃଷ୍ଟିରୁ ନୀତିହୀନତା ସମାଜ ଜୀବନର ପରିପନ୍ଥୀ ହୋଇଥିବାରୁ , ସାହିତ୍ୟ ଏହାଠାରୁ ନିରାପଦ ଦୂରତ୍ୱରେ ରହିବା ଆବଶ୍ୟକ। ସମାଜ ପ୍ରତି ଯାହା କଲ୍ୟାଣ କରେ , ସାହିତ୍ୟରେ ତାହା ଧ୍ୟେୟ ହେବା ଉଚିତ୍। ମାନବର ଚିରନ୍ତନ ଭାବସତ୍ତାକୁ ଜାଗ୍ରତ କରି ତାହାକୁ ନୀତିନିଷ୍ଠ ଭାବେ ପରିଚାଳିତ କରିବାକୁ ସାହିତ୍ୟ ଦେଇଥାଏ ପ୍ରେରଣା। ସାହିତ୍ୟରେ ନୈତିକତାର ଭୂମିକା ସମ୍ବନ୍ଧରେ ଆଲୋଚକ ମାନଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଦେଖାଯାଏ। ଯଦି ସାହିତ୍ୟକୁ କେତେକ ନିର୍ଦ୍ଧିଷ୍ଟ ନୀତିନିୟମ ମଧ୍ୟରେ ଆବଦ୍ଧ କରି ଦିଆଯାଏ , ତେବେ ତାହା ସ୍ୱତଃସ୍ଫୂର୍ତ୍ତ ହୋଇପାରେ ନାହିଁ। ତେଣୁ ସ୍ରଷ୍ଟା ତା'ର ସୃଷ୍ଟି ସମୟରେ ନୈତିକତା ଚାପରେ ବଶବର୍ତ୍ତୀ ହେଲେ, ସେ ତା'ର ସୌନ୍ଦର୍ଯ୍ୟବୋଧ ହରାଇ ବସିଥାଏ ବୋଲି କେତେକ ମତ ପ୍ରକାଶ କରିଥାନ୍ତି। ଏହା ସତ୍ତ୍ୱେ ନୀତିହୀନତାର ପ୍ରଚାର ଦ୍ୱାରା ସାମାଜିକ ଜୀବନରେ ଯେଉଁ ବିଶୃଙ୍ଖଳା ଓ ବ୍ୟଭିଚାର ସୃଷ୍ଟି ହୋଇଥାଏ, ତାହା ସମାଜ ଜୀବନକୁ ସମ୍ପୂର୍ଣ୍ଣ ପଙ୍ଗୁ କରିଦେଇଥାଏ।

ନୀତିହୀନ ସାହିତ୍ୟ ସମାଜକୁ କଳୁଷିତ କିରିଥାଏ। ମାନବ ଜୀବନକୁ ବିପଥଗାମୀ କରିବାରେ ସହାୟତା କରେ। ମାନବର ପଶୁ ପ୍ରବୃତ୍ତିକୁ ଉତ୍ତେଜିତ କରି ସମାଜରେ ହିଂସାଭାବ ସୃଷ୍ଟି କରିଥାଏ। ସଂଯମ ହୀନତାର ପରିପ୍ରଚାର ଯୋଗୁଁ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇଉଠେ। ଏହି କାରଣରୁ ବହୁ ମୂଲ୍ୟବାନ ସୃଷ୍ଟି ଶ୍ରେଷ୍ଠ କଳାକୃତି ହୋଇଥିଲେହେଁ , ତୀବ୍ର ସମାଲୋଚନାର ଶରବ୍ୟ ହେବାକୁ ବାଧ ହୋଇଛି। ସମାଜକୁ ଦିଗଦର୍ଶନ ଦେବାର ଦାୟିତ୍ୱ ସାହିତ୍ୟିକର । ସେଇଥିପାଇଁ ଆମର ପୁରାଣକାରମାନେ ତାଙ୍କ କୃତିରେ ସର୍ବଦା ସୁନୀତି ଓ ସୁରୁଚିର ଉପାସନା କରିଛନ୍ତି। ପାପୀ ଏବଂ ନୀତିହୀନ ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାର ପ୍ରଷ୍ଠାତରେ ସାମାଜିକ ମଙ୍ଗଳ ସାଧନ ହିଁ ସ୍ରଷ୍ଟାର ଲକ୍ଷ୍ୟ ହୋଇଛି। ନୈତିକତାରେ ରୁଦ୍ଧିମନ୍ତ ସାହିତ୍ୟ ଆଦର୍ଶ ସମାଜ ଗଠନରେ ସହାୟକ କରିଥାଏ। ସେଥିପାଇଁ ନୀତିହୀନ ସାହିତ୍ୟ ସର୍ବାଦୌ ପରିତ୍ୟଯ୍ୟ ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥାନ୍ତି।

ସମାଜ ପ୍ରତି ସାହିତ୍ୟର କର୍ତ୍ତବ୍ୟ ତୁଳନା ନାହିଁ। ତେଣୁ ସାହିତ୍ୟିକ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହି ସାହିତ୍ୟ ସୃଷ୍ଟି କଲେ ସମାଜର ଅଶେଷ ମଙ୍ଗଳ ସାଧିତ ହୋଇପାରିବ। ମାତ୍ର କେତେକ କ୍ଷେତ୍ରରେ ଦେଖାଯାଉଛି, ସାହିତ୍ୟ ତା'ର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇପଡିଛି। ଶସ୍ତାନାମ ନେବାପାଇଁ ପ୍ରଚାରଧର୍ମୀ ସାହିତ୍ୟ ସୃଷ୍ଟି ଲାଭ କରୁଛି। କାଳଜୟୀ ସୃଷ୍ଟି କେବଳ ସମାଜକୁ ଦିଗଦର୍ଶନ ଦେବାରେ ସମର୍ଥ ହୋଇଥାଏ। ମାତ୍ର କ୍ଷଣିକ ଉତ୍ତେଜନା ନିମିତ୍ତ ସୃଷ୍ଟି ହେଉଥିବା ସାହିତ୍ୟ କଦାପି ସମାଜର ମଙ୍ଗଳ ସାଧନ କରିପାରେ ନାହିଁ। ଏହି କାରଣରୁ ସାହିତ୍ୟରେ ଆଦର୍ଶବୋଧ ଓ ନୀତିବୋଧକ ପ୍ରକାଶ କରାଯାଇପାରିଲେ ସମାଜକୁ ଶୃଙ୍ଖଳିତ ଏବଂ ମାର୍ଜିତ କରିବାକୁ ତାହା ସହାୟତା କରିପାରିବ। ନୈତିକତାର ବାସ୍ତବତାକୁ ଆଖି ଆଗରେ ରଖି ସୃଷ୍ଟି ଲାଭ କରୁଥିବା କଳା କେବଳ କାଳଜୟୀ ହୋଇପାରେ। ତେଣୁ ସାହିତ୍ୟରେ ନୈତିକ ମୂଲ୍ୟବୋଧର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅସ୍ୱୀକାର କରାଯାଇ ନପାରେ।

♥କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଫକୀରମୋହନ



## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମୁଁ ଯେ ଦିନେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷକ ଭାବରେ ଅବସ୍ଥାପିତ ହେବି ଏପରି କଳ୍ପନା କେବେ ହେଲେ କରିପାରି ନଥିଲି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପରିବାରରେ ଜନ୍ମ ଲାଭର ସୌଭାଗ୍ୟ ମୋତେ ଅନ୍ୟ କବି ଲେଖକଙ୍କ ଆତ୍ମାର ନିକଟବର୍ତ୍ତୀ ହେବାର ଅଭିପ୍ରେରଣା ପ୍ରଦାନ କରି ଆସିଛି ବାଲ୍ୟ କାଳରୁ ଏ ପର୍ଯ୍ୟନ୍ତ । ରାତିର ଗଭୀର ନିସ୍ତବ୍ଧତା ମଧ୍ୟରେ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ରଚିତ ଫକୀରମୋହନଙ୍କ ପତ୍ର ପାଠ କଲାବେଳେ ଓ ତାଙ୍କର ଅକ୍ଷରଗୁଡ଼ିକ ସ୍ପର୍ଶ କରିବା ସମୟରେ ଯେଉଁ ସାରସ୍ୱତ ଶିହରଣ ଅନୁଭବ କରିଛି ବାରମ୍ବାର ତାହାକୁ ଭାଷାର ବ୍ୟକ୍ତ କରିବା ଆଦୌ ନୁହେଁ ସହଜସାଧ୍ୟ । ଉତ୍କଳ ସମ୍ମିଳନୀରେ ଯୋଗ ଦେବାପାଇଁ ଗଙ୍ଗାଧର ବହୁପଥ ଅତିକ୍ରମ କରି ପହଞ୍ଚିଥିଲେ ଫକୀରମୋହନଙ୍କ ନିକଟକୁ । ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ମୋର ଆଗମନ ପଷ୍ଚାତରେ ଯେ, ଏହି ଦୁଇ ମହାନ ସାହିତ୍ୟ ସ୍ରଷ୍ଟାଙ୍କ ରହିଥିଲା ଆଶୀର୍ବାଦ ତାହା ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରି କୃତଜ୍ଞତାର ଭାବରେ ବିଗଳିତ ହେଉଥିଲି ନିରନ୍ତର । ଏହି ବିଶ୍ୱବିଦ୍ୟାଳୟକୁ ଆସି ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗରେ ପ୍ରବେଶ କରିବା ମାତ୍ରକେ ଅନୁଭବ କରିଥିଲି ଯେଉଁ ଶୂନ୍ୟତା ତାହା ଫକୀରାମୋହନ ବୁଝି ପାରିଥିଲେ ଯଥାର୍ଥ ଭାବରେ। ତାଙ୍କର ସୁଦୃଢ଼ ବ୍ୟକ୍ତିତ୍ୱର ସଂକଳ୍ପବଦ୍ଧତା ନେଇ ଆମ ବିଭାଗକୁ ଅବତରଣ କରି ଆସିଥିଲେ ଅମାପ ଶ୍ରଦ୍ଧାଶୀଳତା ସମସ୍ତଙ୍କ ହୃଦୟକୁ ସଂଚାର କରିଦେବା ପାଇଁ । ପ୍ରତିଦିନ ବିଭାଗକୁ ପହଞ୍ଚିବା ମାତ୍ରକେ ତାଙ୍କ ଉଦ୍ଦେଶ୍ୟରେ ବିନମ୍ର ପ୍ରଣାମ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ମୋ କର୍ମମୟ ଜୀବନର ଅନ୍ତିମ ତିନିବର୍ଷ ଅତିବାହିତ ହୋଇଥିଲା ଏହି ପରିସରରେ । ଅନ୍ତଃସ୍ଥଳରେ ଅନୁଭବ କରୁଥିଲି ଯେ ପରିଚାଳିତ ହେଉଛି ପ୍ରତ୍ୟକ୍ଷ ଭାବରେ ଫକୀରମୋହନ ଓ ଗଙ୍ଗାଧରୀୟ ଚେତନାର ପ୍ରଭାବରେ । ଆମ ଭାଷା ସାହିତ୍ୟ ବିଭାଗ ସମଗ୍ର ଭାରତ ବର୍ଷରେ ନିଶ୍ଚୟ ଏକ ବ୍ୟତିକ୍ରମ କାରଣ ଏଥିରେ ଓଡ଼ିଆ ଇଂରାଜୀ ଓ ଉର୍ଦ୍ଦୁ ବିଷୟ ପଢୁଥିବା ଛାତ୍ରଛାତ୍ରୀମାନେ ଗୋଟିଏ ଭାବ ବଳୟ ମଧ୍ୟରେ ଉପଲବ୍ଧ କରିପାରନ୍ତି ବିଶ୍ୱ ସାହିତ୍ୟ ଜଗତର ମହାନ୍ ଶିଳ୍ପୀମାନଙ୍କୁ ଆନ୍ତବିଦ୍ୟା ମୂଳକ ଅଧ୍ୟୟନର ଏହି କେନ୍ଦ୍ର ସ୍ୱକୀୟ ବୈଶିଷ୍ଟ୍ୟରେ ସେଥିପାଇଁ ହୋଇ ଉଠିଛି ସମୃଦ୍ଧ ।

ସେଠାରେ ମୋର ରହଣି କାଳ ମଧ୍ୟରେ ବିଶ୍ୱ ବିଦ୍ୟାଳୟ ପ୍ରବେଶ ପଥ ସମ୍ମୁଖରେ ଯେତେବେଳେ ଓଡ଼ିଶା ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇ ଫକୀରମୋହନ; ତାଙ୍କର ପୂର୍ଣ୍ଣବଳୟ ଏହି ପ୍ରତିମୂର୍ତ୍ତି ପ୍ରତି ମୁହୂର୍ତ୍ତରେ ମନେ ହେଉଥିଲା ସଜୀବ, ସତେଜ। ପ୍ରିୟ ଛାତ୍ରଛାତ୍ରୀମାନଙ୍କୁ ସର୍ବଦା କହିଆସୁଥିଲି ବିଶ୍ୱବିଦ୍ୟାଳୟ ମଧ୍ୟକୁ ପ୍ରବେଶ କଲାବେଳେ ଓ ଏଠାରୁ ପ୍ରସ୍ଥାନ କରିବା ସମୟରେ ଫକୀରମୋହନଙ୍କ ପବିତ୍ର ଚରଣରେ ବାଢ଼ି ଦେଉଥିବ ତୁମମାନଙ୍କ ହୃଦୟର ଭକ୍ତି ଭାବ । ଲକ୍ଷ୍ୟ କରେ ମୋର ଏହି ଅନୁରୋଧକୁ କେହି ହେଲେ ଶୁଷ୍କ ଉପଦେଶ ଭାବରେ ଗ୍ରହଣ କରୁନଥିଲେ । ଆବେଗର ସହିତ ଯାହା କିଛି ଉଚ୍ଚାରଣ କରୁଥିଲି ତାହାର ପ୍ରତିଫଳନ ଦେଖୁଥିଲି ପ୍ରତିଟି ବିଦ୍ୟାର୍ଥୀଙ୍କ ଢ଼ଳଢ଼ଳ ଦୁଇ ଆଖି ଭିତରେ । ଯେଉଁ ବିଷୟଟି ମୋତେ ସବୁଠାରୁ ଅଧିକ ମୁଗ୍ଧ କରିଦେଇଥିଲା ତାହା ହେଉଛି 'ଫକୀରମୋହନ ଷ୍ଟଡିଜ୍' । ବିଶ୍ୱ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯିଏ ଯେଉଁ ବିଷୟରେ ପିଜି କ୍ଲାସରେ ପଢନ୍ତୁ ନା କାହିଁକି ସମସ୍ତଙ୍କୁ ଫକୀରମୋହନଙ୍କ ସଂପର୍କରେ ମୌଳିକ ଧାରଣା ଦେବାର ସୁବ୍ୟବସ୍ଥା ଏଠାରେ ପ୍ରବର୍ତ୍ତିତ ହୋଇଛି । ମୋ ଜାଣିବାରେ ସମଗ୍ର ଭାରତ ବର୍ଷରେ ଏହା ହେଉଛି ପ୍ରଥମ କ୍ରାନ୍ତିକାରୀ ନିଷ୍ପତ୍ତି । ଏହି ଭାବଧାରାକୁ ଆଧାର କରି ପତ୍ର ପ୍ରେରଣ କରିଥିଲି ମୁଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟର ଦୁଇ ନମସ୍ୟ କୁଳପତିଙ୍କୁ । ଆନନ୍ଦର କଥା ଯେ ଉଭୟେ ଏହି ବ୍ୟବସ୍ଥା ନିଜ ନିଜ ବିଶ୍ୱବିଦ୍ୟାଳୟରେ ପ୍ରବର୍ତ୍ତନ କରିବା ପାଇଁ ନେଇଥିଲେ ତ୍ୱରିତ୍ୱ ପଦକ୍ଷେପ। ଏହି ସମୟ ମଧ୍ୟରେ ପୂଜନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା ଫକୀରମୋହନ ସାହିତ୍ୟ ଘର' ଏ ସମସ୍ତ ଘଟଣା ପ୍ରତ୍ୟେକଙ୍କୁ କହିବାରେ ଲାଭ କରିଥାଏ ପରମ ପରିତୃପ୍ତି।

ତଥାପି କେତେକ ପ୍ରସଙ୍ଗ ଏଇ ରହିଯାଇଛି ମୋ ହୃଦୟରେ ଅତୃପ୍ତିର ଦୀର୍ଘଶ୍ୱାସ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯେପରି ଗଙ୍ଗାଧରଙ୍କ ସୁନିର୍ବାଚିତ କୃତିକୁ ନେଇ ଇଂରାଜୀ ଅନୁବାଦ ଗ୍ରନ୍ଥ ପ୍ରକାଶ କରିଛନ୍ତି ତାହାର ଆବଶ୍ୟକତା ଫକୀରମୋହନଙ୍କ କ୍ଷେତ୍ରରେ ମଧ ଅନୁଭୂତ ହୋଇଛି । ସେହିପରି ଆମ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟରେ ସମ୍ଭବ ହୋଇପାରି ନାହିଁ ଯାହା ତାହା ଏଠାରେ ସମ୍ଭବ ହୋଇପାରିଲେ ଆଉ ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ପ୍ରଦର୍ଶିତ ହୋଇ ପାରନ୍ତା । ତାହା ହେଲା ଫକୀରମୋହନ ମ୍ୟୁଜିୟମର ପ୍ରତିଷ୍ଠା। ଯାହାଙ୍କୁ ନେଇଁ ବିଶ୍ୱବିଦ୍ୟାଳୟର ନାମକରଣ ହୋଇଛି ତାଙ୍କର ସ୍ମୃତିକୁ ଚିରଜାଗ୍ରତ ରଖିବା ପାଇଁ ଫକୀରମୋହନ ସଂଗ୍ରହାଳୟ ପ୍ରତିଷ୍ଠା ହେଉଛି ବିଶ୍ୱବିଦ୍ୟାଳୟ ତଥା ସରକାରଙ୍କ ପବିତ୍ର କର୍ତ୍ତବ୍ୟ । ଆମ ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ଆକର୍ଷଣ ହେଉଛି ରବୀନ୍ଦ୍ର ସଂଗ୍ରହାଳୟ । ଏହାକୁ ଦେଖିବା ପାଇଁ ପ୍ରତିଦିନ ଭାରତର ବିଭିନ୍ନ ପ୍ରାନ୍ତରୁ ଏପରିକି ବିଦେଶରୁ ମଧ ଆଗମନ କରିଥାନ୍ତି ସହସ୍ରାଧିକ ଦର୍ଶକ । ଜଣେ କବିଙ୍କୁ ଜନଚେତନାରେ ଚିର ସଂଜୀବିତ ରଖିବା ନିମନ୍ତେ ଏପରି ଦୃଷ୍ଟାନ୍ତ ଆଉ ସମଗ୍ର ଭାରତ ବର୍ଷରେ ଅନୁପସ୍ଥିତ । ବ୍ୟାସକବି ଫକୀରମୋହନଙ୍କ ନାମରେ ସଂଗ୍ରହାଳୟ ପ୍ରତିଷ୍ଠା ସମଗ୍ର ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର କବି ଲେଖକଙ୍କୁ ପ୍ରଦାନ କରିପାରନ୍ତି ଶ୍ରେଷ୍ଠ ସମ୍ମାନ। ଏହା ସହିତ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନରେ ସେମାନଙ୍କ ଭୂମିକା ପ୍ରତ୍ୟେକଙ୍କ ପ୍ରାଣତନ୍ତ୍ରୀରେ ସୃଷ୍ଟି କରି ପାରନ୍ତା ଏକଦା ଓ ସଂହତିର ମାର୍ମିକ ସଙ୍ଗୀତ । ଶାନ୍ତି ନିକେତନର ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ଉପସ୍ଥିତ ହେବା ମାତ୍ରକେ ରବୀନ୍ଦ୍ର ଭାବନା ଜାଗ୍ରତ ହୋଇ ଉଠେନା । ବ୍ୟାସବିହାର ସେହିପରି କଳାତ୍ମକ ରୂପ ପରିଗ୍ରହ କରିବା ପାଇଁ ଅପେକ୍ଷାରତ ଯାହାର ମୁଖ୍ୟ ଆକର୍ଷଣ ହୋଇଥିବେ ଓଡ଼ିଆ ଜାତୀୟତାର ମହାନାୟକ ବ୍ୟାସକବି, କଥା ସମ୍ରାଟ ଫକୀରମୋହନ ସେନାପତି ।


ସ୍ୱଳ୍ପ ସମୟ ହେଲେ ମଧ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିତିଯାଇଛି ଯେଉଁ ଜୀବନ-କାଳ ତାହା ମୋ ପାଇଁ ସ୍ମରଣୀୟ, ସୌରଭମୟ ଭାବ-ପ୍ରାଚୁର୍ଯ୍ୟଗର୍ଭିତ ପ୍ରେରଣା-ସ୍ପନ୍ଦିତ ଶ୍ରେଷ୍ଠ ମୁହୂର୍ତ୍ତ ହୋଇ ରହିଥିବ ନିଶ୍ଚୟ । ବଞ୍ଚିଥିବା ପର୍ଯ୍ୟନ୍ତ ବ୍ୟାସବିହାର ପରିସରରେ ମୋର ସୂକ୍ଷ୍ମ ସତ୍ତା ବିଚରଣ କରୁଥିବ ନିଶ୍ଚୟ । ଦେଖିବାକୁ ଉତ୍କଣ୍ଠିତ ହୋଇ ରହିଥିବ ଫକୀରମୋହନ ସଂଗ୍ରାହାଳୟ ଓ ବିଭିନ୍ନ ଭାଷାରେ ଫକୀରମୋହନ ସାହିତ୍ୟ ସଫଳ ଅନୁବାଦ। ସମଗ୍ର ଓଡ଼ିଆ ଜାତିର କେବଳ ନୁହଁନ୍ତି, ଭାରତବର୍ଷର ଓ ବିଶ୍ୱ ସାହିତ୍ୟର ଜଣେ ଶ୍ରେଷ୍ଠ ସ୍ରଷ୍ଟା ଫକୀରମୋହନଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ପ୍ରଣିପାତ ପୂର୍ବକ ତାଙ୍କର ସୂକ୍ଷ୍ମ ଆଶିଷଧାରା ସର୍ବତ୍ର ପରିପ୍ଲାବିତ ହୋଇଯାଉ ଏହାହିଁ ଆନ୍ତରିକ ପ୍ରାର୍ଥନା ଆମର।

♥ ପରିଦର୍ଶକ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

# ଗଳ୍ପ — ପଶ୍ଚାତ୍‌ଗତି

ଶିବାଶିଷ ପାଢ଼ୀ





 କ୍ଷେତ୍ର ପରିଦର୍ଶନରେ ଏକ ଦୁରନ୍ତ ଗାଁକୁ ଯାଇଥିଲେ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ । ସାଙ୍ଗରେ ଥିଲେ ଅନେକ ଅଧସ୍ତନ ଅଧିକାରୀ ଏବଂ କର୍ମଚାରୀଗଣ ।

ପ୍ରାୟ ସନ୍ଧ୍ୟା ହୋଇ ଆସୁଥିଲା ତଥାପି ସରୁ ନଥିଲା ପରିଦର୍ଶନ । ସୁଦକ୍ଷ ଅଧିକାରୀ ଭାବେ ସାରା ରାଜ୍ୟରେ ଇର୍ଷଣୀୟ ଭାବେ ପରିଚିତ ଅଧିକାରୀଙ୍କ ଷ୍ଟାଇଲ ଥିଲା ନିଆରା। ନିଜେ ପାଦରେ ଚାଲିଚାଲି ଲୋକଙ୍କ ସୁବିଧା ଅସୁବିଧା ବୁଝୁଥିଲେ ସେ। ଅନ୍ୟ ଅଧିକାରୀଙ୍କ ଭଳିଆ ଗୋଟିଏ ସ୍ଥାନରେ ବସି କାମ ସାରୁ ନଥିଲେ ।

ନୂତନ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଦେଖି କିଛି ତଳିଆ ଅଧିକାରୀ ଖୁସି ଥିଲେ ତ ଆଉ ଥୋକାଏ ବିରକ୍ତ ହେଉଥିଲେ । ଓଃ ଯେ ଯେମିତି ତାଡ଼ି ପକାଇବ - ନିଜନିଜ ଭିତରେ କଥା ହେଉଥିଲେ ସେମାନେ।

ସେତିକିବେଳେ ଆରମ୍ଭ ହୋଇଥିଲା ଟୁପୁରୁଟାପୁରୁ। ଭୀଷଣ ବର୍ଷା ଯେ ଆସୁଛି ଏହାର ସଂକେତ ଦେଉଥିଲେ ଛୋଟଛୋଟ ଜଳବିନ୍ଦୁ।

ସବୁଜ ବନାନୀ ମଧ୍ୟରେ ଦୁଇଟି ପାହାଡ଼ ମଝିରେ ଥିବା ସେ ଛୋଟ ଗାଁର ପରିବେଶ ଦ୍ରୁତଗତିରେ ବଦଳୁଥିଲା। ଗଛ ମାନଙ୍କରେ ପଡୁଥିବା ବର୍ଷାଜଳର ଶବ୍ଦ କ୍ରମେ ବଢିବାକୁ ଲାଗୁଥିଲା ।

ସମସ୍ତେ ନିଜ ନିଜ ଗାଡି ଆଡକୁ ମୁହାଇଁଥିଲେ । କିଛି ଗାଡ଼ିରେ ବସି ସାରିଥିଲେ ହେଲେ ଯା ଭିତରେ ଗୋଟିଏ ମାଟିଘରର ପିଣ୍ଡାକୁ ଉଠି ସାରିଥିଲେ ଅଧିକାରୀ । ସାହସ ସଂଚୟ କରି କନିଷ୍ଠ ଅଧିକାରୀ ଗଡ଼ନାୟକବାବୁ ପାଖକୁ ଯାଇ କହିଥିଲେ -

ସାର ବଡ଼ ବର୍ଷାଟିଏ ଆସୁଛି ବୋଧେ। ଫେରିଗଲେ ଭଲ ହୁଅନ୍ତା ସାର।

ସେତିକି ବେଳକୁ ଏଡ଼େବଡ଼ ଅଧିକାରୀଙ୍କୁ ନିଜ ପିଣ୍ଡାରେ ପାଇ କୃତକୃତ୍ୟ ହୋଇ ଯାଉଥିବା ଘର ମାଲିକ ଖଟଟିଏ ଆଣି ପକାଇ ଦେଇଥିଲା । ସେଥିରେ ବସିଥିଲେ ଅଧିକାରୀ ! ହସି ଦେଇ କହିଲେ -

ଆପଣ ସମସ୍ତଙ୍କୁ ଫେରିଯିବାକୁ କହି ଦିଅନ୍ତୁ। ଆପଣ ବି ଯିବେ ହେଲେ ଯାଆନ୍ତୁ। ମୁଁ ଟିକିଏ ପରେ ଯିବି। ରାସ୍ତା ତ ଠିକ ଅଛି କିଛି ଅସୁବିଧା ନାହିଁ।

ନା.... ସାର। କ୍ଷୀଣ ପ୍ରତିବାଦଟିଏ କରୁଥିଲେ ଗଡ଼ନାୟକବାବୁ ହେଲେ ଅଧିକାରୀ ଦୋହରାଇଥିଲେ ନିଜ ନିର୍ଦ୍ଦେଶ। ବାଧ୍ୟ ହୋଇ ସମସ୍ତଙ୍କୁ ଫେରିଯିବା ପାଇଁ କହିଥିଲେ ସେ ନିଜେ କିନ୍ତୁ ଯାଇ ନଥିଲେ ଫେରିଆସି ବସିଥିଲେ ସେଇ ପିଣ୍ଡାରେ।

ବର୍ଷା ଆରମ୍ଭ ହୋଇ ସାରିଥିଲା । ସାମାନ୍ୟ ପବନ ବି ଥିଲା ! ଓଳିରୁ ପଡୁଥିଲା ବର୍ଷାଧାର। ବୋହି ଯାଉଥିଲା ଗାଁ ଦାଣ୍ଡରେ।

କିଛି କିଛି ପାଣି ଛିଟିକା ଆସି ଭିଜାଇ ଦେଉଥିଲେ ବି ସେମିତି ବସିଥିଲେ ଅଧିକାରୀ। ଆଉ ଅଧିକାରୀ ବସିଥିଲେ ବୋଲି ଗାଁର ଅନ୍ୟମାନେ ବି ବସିଥିଲେ ନିଜ ନିଜ ପିଣ୍ଡାରେ।

ଯା ଭିତରେ ଘର ମାଲିକଙ୍କ ତରଫରୁ ସମସ୍ତଙ୍କ ପାଇଁ ଆସିଯାଇଥିଲା ନାଲି ଚା ଏବଂ ଗରମ ଗରମ ମୁଢି। ସେଥିରେ ପଡିଥିଲା ସୋରିଷ ତେଲ।

ଭାରି ଖୁସି ଜଣାପଡୁଥିଲେ ଅଧିକାରୀ। ଯେମିତି ଖୁସିସବୁକୁ ପିଇ ଯାଉଥିଲେ ସେ। ସେ ସୋରିଷ ତେଲର ବାସ୍ନା କି ଭିଜା ମାଟିର ବାସ୍ନା କି ଝରଝର ଝରୁଥିବା ବର୍ଷାର ଝର କେଉଁଥିରେ ଏତେ ତଲ୍ଲିନ ହୋଇଯାଇଥିଲେ ଅଧିକାରୀ ଏକଥା ଭାବୁଥିଲେ ଗଡ଼ନାୟକବାବୁ ହେଲେ ଜାଣିପାରୁ ନଥିଲେ ସେ ।

ପ୍ରାୟ ଘଣ୍ଟାଏ ଯାଏଁ ଲାଗି ରହିଥିଲା ସେ ଅବସ୍ଥା । ତାପରେ ଫେରିବା ପାଇଁ ଉଠିଥିଲେ ଅଧିକାରୀ । ଲାଗୁଥିଲା ଯେମିତି ଫେରିଯିବା ପାଇଁ ତାଙ୍କର ଇଛା ନଥିଲା ।

ଚୁପଚାପ ଗାଡି ପାଖକୁ ଫେରୁଥିଲେ ସେ। ପରିସ୍ଥିତିକୁ ସହଜ କରିବା ପାଇଁ ଗଡ଼ନାୟକବାବୁ କହିଥିଲେ - ବହୁତ ଭଲ ଲାଗିଲା ସାର୍ ।

ଯେମିତି ସମ୍ବିତ ଫେରି ପାଇଲେ ଅଧିକାରୀ । ହସିଦେଲେ ସେ।

କହିଲେ ମୁଁ ତ ପଷ୍ଚାତଗତିରେ ଥିଲି ଗଡ଼ନାୟକବାବୁ। ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ ଏମିତି ବର୍ଷାରେ ଆମ ପିଣ୍ଡାରେ ଶୋଉଥିଲେ ମୋ ଜେଜେବାପା ଆଉ ମୁଁ ବି ମୋର ଛୋଟିଆ ଖଟ ପକାଉଥିଲି ତାଙ୍କ ସାଙ୍ଗରେ।

ରାତିସାରା ବର୍ଷା ହେଉଥିଲା।

ସାର୍.... ସେ ଅନୁଭୂତି ଅନନ୍ୟ ସାର୍....... କହୁଥିଲେ ଗଡ଼ନାୟକବାବୁ ।

ଅନନ୍ୟ ମାନେ ? ମୁଁ ଦୁଇଟି ଘର କରିଛି ଗଡ଼ନାୟକବାବୁ ଲକ୍ଷାଧିକ ଖର୍ଚ୍ଚକରି ଛାତ ଉପରେ ଏମିତି ନଡାର ଛାତ କରି ଏ ଅନୁଭୂତିକୁ ବହୁତ ଖୋଜିଛି ହେଲେ କେବେ ପାଇନାହିଁ !

ଆଜି କିନ୍ତୁ ମୋତେ ଲାଗୁଛି ଯେମିତି ମୁଁ ଫେରି ଯାଉଛି ମୁଁ ଫେରିଯାଉଛି....।

କହି କହି ଆଗକୁ ଆଗକୁ ଚାଲିଥିଲେ ଅଧିକାରୀ । ସାର ସାର କହି ପଛରେ ଯାଉଥିବା ଗଡ଼ନାୟକବାବୁ ଭାବୁଥିଲେ ଆଉ କେହି ଜାଣୁ ନ ଜାଣୁ ସାରଙ୍କ ସଫଳତାର ରହସ୍ୟକୁ ଆଜି ସେ ଯେମିତି ଭେଦ କରିଯାଇଛନ୍ତି !

♥ ହେମଗିର, ସୁନ୍ଦରଗଡ଼
ମୋ:୯୭୭୮୧୭୪୯୭୮

# ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୧୮/୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ସୌଭାଗ୍ୟ ଲାଭ କରିଥିବା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର ଅନନ୍ୟ କେନ୍ଦ୍ର । ଆଜି ସମଲେଶ୍ୱରୀ ମନ୍ଦିରରେ ପରିଚାଳନା ବ୍ୟବସ୍ଥା ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ପୁନଃ ପ୍ରଚଳନ ହୋଇଛି । ଆଜିର ଅବସରରରେ ମା'ଙ୍କ ଦର୍ଶନ ଲାଭ କରିବା ସହ ପ୍ରସାଦ ସେବନ କରିବା ମୋର ସୌଭାଗ୍ୟ । ଏଥିପାଇଁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ କ୍ରିୟାନ୍ୱୟନ କରୁଛନ୍ତି । ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର କଳ୍ପନା କରାଯାଇଛି । ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରକଳ୍ପକୁ କେନ୍ଦ୍ରରେ ରଖି ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ପାଇଁ ଯୋଜନା ହେଉଛି । ସମ୍ବଲପୁର ଭଳି ପ୍ରାଚୀନ ଓ ଐତିହ୍ୟ ସମ୍ପନ୍ନ ଅଞ୍ଚଳକୁ ଆଧୁନିକ ବ୍ୟବସ୍ଥା ସହ ଯୋଡିବା ପାଇଁ ଡବଲ ଇଞ୍ଜିନ ସରକାର କାମ କରୁଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ସମ୍ବଲପୁର ଗସ୍ତ କାଳରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଟିପିଏସଓଡିଏଲ୍ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜୟପୁର, ୧୮/୧ (ନି.ପ୍ର): ଜୟପୁର ପାୱାର ହାଉସ୍ କଲୋନି ସ୍ଥିତ ଟି.ପି. ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡର ଗ୍ରାହକ ସେବା କେନ୍ଦ୍ର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରା ଓ ସୌମ୍ୟ ରଂଜନ ଲେଙ୍କା, ସୁରଜିତ୍ ସ୍ୱାଇଁ,ଜୀବନ ଜ୍ୟୋତି ମିଶ୍ର,ସଚ୍ଚିଦାନନ୍ଦ ମୋହାନ୍ତି, ଆଲୋକ କୁମାର ନାୟକ ସହଯୋଗ କରିଥିଲେ । ଟି.ପି.ଏସ୍.ଓ.ଡି ଏଲ୍ ଜୟପୁର ବିଦ୍ୟୁତ ମଣ୍ଡଳ ଅଧିନସ୍ଥ ସୁରକ୍ଷା ବିଭାଗ ଆନୁକୁଲ୍ୟରେ ହୋଇଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ସର୍କଲ୍ ହେଡ୍ ମନ୍ମଥନାଥ ମିଶ୍ର ଓ ନିର୍ବାହି ଯନ୍ତ୍ରୀ ବରୁଣ ଚୌଧୁରୀଙ୍କ କର କମଳରେ ଉଦ୍ଘାଟନ୍ ହୋଇ ପ୍ରାୟ ୩୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରା ଓ ସୌମ୍ୟ ରଂଜନ ଲେଙ୍କା, ସୁରଜିତ୍ ସ୍ୱାଇଁ,ଜୀବନ ଜ୍ୟୋତି ମିଶ୍ର ସହଯୋଗ କରିଥିଲେ । ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଡ. ସୂର୍ଯ୍ୟ ଶେଖର ମିଶ୍ର, ନାଥାନିୟଲ ଡାନି,ଅଭୟ ଚରଣ ପଣ୍ଡା, ହେମାଙ୍ଗିନି ପଣ୍ଡା ଓ ପ୍ରମୋଦ କୁମାର ରାଉଳ ସହଯୋଗ କରିଥିଲେ ।

## ସିନ୍ଧିଆ ସରକାରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ସିନ୍ଧିଆ, ୧୮/୧ (ନି.ପ୍ର): ନୂଆପୁର ସିନ୍ଧିଆ ସରକାରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟର ଏହି କ୍ରୀଡା ଉତ୍ସବ କୁ ପ୍ରଧାନ ଶିକ୍ଷୟତ୍ରୀ ଧରିତ୍ରୀ ପାତ୍ର ଉଦଘାଟନ କରିଥିଲେ । ଏହି କ୍ରୀଡା ଉତ୍ସବ ରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ବିଦ୍ୟାଳୟ ର ଶିକ୍ଷୟତ୍ରୀ ସରିତା ମାଝୀ, ପ୍ରତିମା ମଣ୍ଡଳ ଓ ଶିକ୍ଷକ ମିଥୁନ ବେହେରା ଏହି କ୍ରୀଡା ପ୍ରତିଯୋଗିତା ରେ ସହଯୋଗ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିତ୍ୟ ନୂତନ ଦେ ସମସ୍ତ ଖେଳକୁ ପରିଚାଳନା କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତା ରେ ସାହାଯ୍ୟ କରିବା ପାଇଁ ଅନ୍ୟ ବିଦ୍ୟାଳୟ ର ଦୁଇ ଜଣ ଶିକ୍ଷକ ଙ୍କୁ ଅଣା ଯାଇଥିଲା । ସେମାନେ ହେଲେ ଏସ କେ ଅହେସନ ଓ ସୁଶାନ୍ତ ବେହେରା । କ୍ରୀଡା ପ୍ରତିଯୋଗିତା ଶେଷରେ ବିଜୟୀ ପ୍ରତିଯୋଗୀ ମାନଙ୍କ ର ନାମ ଘୋଷଣା କରାଯାଇଥିଲା ।

## ବରିଷ୍ଠ ନାଗରିକ ମଂଚର ମକର ମିଳନ ଉତ୍ସବ


କୋରେଇ, ୧୮/୧ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ଅନୁଷ୍ଠାନ ବରିଷ୍ଠ ନାଗରିକ ମଂଚର ମକର ମିଳନ ଉତ୍ସବ ସଂଗଠନର ସଭାଗୃହରେ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପରଲୋକ ଗତ ପୂର୍ବତନ ପ୍ରଧାନ ମନ୍ତ୍ରୀ ବିଶିଷ୍ଟ ଅର୍ଥଶାସ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ପୂର୍ବ ସଭାର ବିବରଣୀ ଉପସ୍ଥାପନା କରିଥିଲେ ଓ ଆଗାମୀ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ ।

## ବାରାପୁରରେ ମହାସମାରୋହରେ ମକର ମହୋତ୍ସବ ଉଦ୍‌ଘାଟିତ



ବାସୁଦେବପୁର, ୧୮/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ତ୍ତୁଙ୍ଗ ପଞ୍ଚାୟତର ବାରାପୁର ମହୋତ୍ସବ ମହାସମାରୋହରେ ଉଦଘାଟିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଥମ ଦିବସ ତଥା ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲାର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମ ନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାଲେଶ୍ୱର ସହର ସ୍ଥିତ ଉଇଜଡମ୍ କଲେଜ ନିର୍ଦ୍ଦେଶକ ନାଟ୍ୟକାର ଇଞ୍ଜିନିୟର ନନ୍ଦ ଦୁଲାଲ୍ ଘଡାଇ, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ସମିତି ସଭ୍ୟ ବୁଲୁ ବିନ୍ଧାଣୀ, ଅଧ୍ୟାପକ ଦିବ୍ୟ ସୁନ୍ଦର ମହାକୁଡ଼, ମହାବୀର ଯୁବକ ସଂଘର ସଭାପତି ବିଧୁ ଭୂଷଣ କର। ସମସ୍ତ ଅତିଥି ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅମୀୟ ପାଣିଗ୍ରାହୀ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ମଞ୍ଚ ପରିଚାଳନା କରିଥିଲେ। କୁନି କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ପୂର୍ବତନ ସରପଞ୍ଚ ସମାଜସେବୀ ଭାଗିରଥି ବଳ, ପୂର୍ବତନ ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଭାଗିରଥୀ ନାୟକ ଓ ଅନ୍ୟ ମାନେ ଯୋଗ ଦେଇଥିଲେ। ଦିତୀୟ ଦିବସରେ ଯୋଗ ଦେଇଥିଲେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ପଣ୍ଡା, ଆର୍ଯ୍ୟ ହସ୍ପିଟାଲ ର ନିର୍ଦ୍ଦେଶକ ଅସିତ୍ କୁମାର ଦାଶ, ସତ୍ୟ ସାଇ ସେବା ସମିତି ର କାର୍ଯ୍ୟ କର୍ତ୍ତା ବୃନ୍ଦାବନ ଚନ୍ଦ୍ର ବେହେରା। ସମସ୍ତ ଅତିଥି କଳା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଟି ସୌରୀ ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ ଅଂଚଳର ଛାତ୍ର ଛାତ୍ରୀ ଓ କଳାକାର ମାନେ ମନଛୁଆଁ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବ୍ୟକ୍ତିତ୍ୱ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ କାର୍ଯ୍ୟ କର୍ତ୍ତା ଅମୀୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ହଜାର ହଜାର ଜନ ସାଧାରଣ ଏହି ଉତ୍ସବରେ ଯୋଗ ଦେଇଥିଲେ। ଉଦଯାପନ ଦିବସରେ ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ସୋର ବିଧାୟକ ମାଧବ ଚନ୍ଦ୍ର ଧଡା, ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ ,ଆର୍ତ୍ତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌତମ ସେଠି ଓ ମହାବୀର କ୍ଲବ ର ସଭାପତି ବିଧୁ ଭୂଷଣ କର। ଅମୀୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ମହାବୀର କ୍ଲବ ପକ୍ଷରୁ ଏହି ମହୋତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇ ଥିଲା। କ୍ଲବ ର ସମସ୍ତ ସଦସ୍ୟ ଏହି ଉତ୍ସବରେ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



ଜଳେଶ୍ୱର, ୧୮/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଟେଘରି ସ୍ଥିତ ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଆଠ ଦିନ ଧରି ଉକ୍ତ ଶିବିରରେ ମାଷ୍ଟର ଟ୍ରେନର ଦେବଯାନୀ ପ୍ରଧାନ ଆତ୍ମରକ୍ଷା କୌଶଳ ତାଲିମ ଦେଇଥିଲେ। ଉକ୍ତ ସଭାରେ ଅନୁଷ୍ଠାନର ଅଧକ୍ଷ ତନୋଜ କୁମାର ହୋଇ ସଭାପତିତ୍ୱ କରିଥିଲେ। ପ୍ରୋଗ୍ରାମ କୋଡ଼ିନେଟର ଅଧ୍ୟାପକ ରାମଶଙ୍କର ଦାସ ଏହାର ମହତ୍ତ୍ୱ ସଂମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶୁଶାନ୍ତ କୁମାର ସାହୁ, ପ୍ରଭାକର ବଲ୍ଲଭ ଗୋସ୍ୱାମୀ, ପୁରେନ୍ଦ୍ର ନାଥ ପ୍ରଧାନ, ନିଜ ନିଜ ର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧକ୍ଷ ଛାତ୍ରୀଙ୍କୁ ମାନପତ୍ର ବଣ୍ଟନ କରିଥିଲେ।

## ମାର୍ଥାପୁରରେ ଧାନମଣ୍ଡି ଉଦ୍‌ଘାଟିତ

ଭୁବନ, ୧୮/୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ସମବାୟ ସମିତିରେ ଚଳିତ ବର୍ଷ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି ଓ ମୁଖ୍ୟଅତିଥି ଭାବେ ତହସିଲଦାର ସିରିୟଲ୍ ଶୁଭ୍ର ପଟେଲ୍, କାମାକ୍ଷନଗର ଏଆର୍‌ସିଏସ୍ ଶରତ ଚନ୍ଦ୍ର ପାଣିଗ୍ରାହୀ, ଅଭିମନ୍ୟୁ ମିଶ୍ର, ପଂଚାୟତ ପିଇଓ ପ୍ରୀତୀଶ ମହାରଣା, ଶ୍ରୀବତ୍ସ ସାହୁ ଯୋଗଦେଇ ଚାଷୀମାନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ ଓ ଚଳିତବର୍ଷ ସମବାୟ ସମିତିରେ ୫୧୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି।


**AFFIDAVIT**

By virtue of an affidavti before The Executive Magistrate, Balaosre I, Sangita Bishal, W/o- Rabindra Bishal have declared that I had purchased a PLI/RPLI Policy No. R-OR-EA-431549. Before marriage my name was Ku. Kabita Nayak, D/o- Rabindra Kumar Nayak. After Marriage my name is changed to Sangita Bishal, W/o- Rabindra Bishal of Vill- Angua, Via- Dantan, Dist- Paschim Medinipur, Pin-721426. My correct name is Sangita Bishal.

Sd/-
**Sangita Bishal**

**AFFIDAVIT**

An affidavit before the executive Magistrate Balasore, I, Mamatarani Behera, aged about 44 years, W/o- Sanjay Kumar Behera, residing At/ Po- Bartana, P.S.- Jaleswar, Dist- Balasore do hereby solemnly and declare that before marriage my nae has been mentioned as Mamata Parida in my LIC policy Bond, bearing No. 535059043 as per my fathers title. But after marriage my name has been mentioned as Mamatarani Behera in all relevent document as per my husbands title. So Mamatarani Behera and Mamata Parida is one and same person. Henceforth I will be known as Mamatarani Behera in all purpose.

**Mamatarani Behera**



## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ଈଶ୍ୱରପୁର, ବାହାନଗା, ଔପଦା, ବାଲେଶ୍ୱର, ମୋ-୯୩୪୮୪୩୫୫୯୬, ୭୬୦୫୯୯୮୪୪

**ବେସରକାରୀ ବିଦ୍ୟାଳୟରେ ନିଃଶୁଳ୍କ ନାମଲେଖା ବିଜ୍ଞାପନ**

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା, ଭୁବନେଶ୍ୱରଙ୍କ ପତ୍ର ସୂଚକ ଅନୁଯାୟୀ ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଆମ୍ଭ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬, ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨(୧) (c)ଅନୁଯାୟୀ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ (**www.rteparadarshi.odisha.gov.in**) ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଆମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ (**Std-I**) ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚୀତ ଜାତି ଓ ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, **HIV** ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ଆମ ବିଦ୍ୟାଳୟରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକ ଦସ୍ତାବିତ ସହିତ ଆବେଦନ କରିବା ପାଇଁ (**www.rteparadarshi.odisha.gov.in**) ପୋର୍ଟାଲକୁ ଲଗ୍‌ଅନ୍ କରନ୍ତୁ ଏବଂ ଏଥିପାଇଁ ଆମ ବିଦ୍ୟାଳୟରେ ୧୦ଟି ସ୍ଥାନ ସଂରକ୍ଷିତ ଅଛି ।

ସ୍ୱା-ଅଧ୍ୟକ୍ଷ


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କାହା ଗୁଳିରେ...

ତାହା ଏବେ ସନ୍ଦେହ ଘେରରେ। ନିଜେ ଗୋପାଳ ମଧ୍ୟ ପଲିଗ୍ରାଫ୍ ଟେଷ୍ଟ୍ ବେଳେ ସେ ୪ଟି ଗୁଳି ମାରିଥିଲା କି ବୋଲି ପ୍ରଶ୍ନରେ ନା ବୋଲି କହିଥିଲା। ତେଣୁ ତଦନ୍ତକାରୀ ସଂସ୍ଥା ହୁଏତ ୪ଟି ଗୁଳି ବିଷୟରେ ଅବଗତ ଥିଲେ ବି, ସେ ଦିଗରେ କାହିଁକି ଖୋଳତାଡ଼ କରିନଥିଲା ତାକୁ ନେଇ ବି ପ୍ରଶ୍ନ ଉଠିଛି । ସେତେବେଳେ କ୍ରାଇମବ୍ରାଞ୍ଚ ଏପ୍ରସଙ୍ଗ ସାମ୍ନାକୁ ଆଣିନଥିଲା କାହିଁକି ? ଏହା ପଛରେ ରହିଛି କି ଆଉ କେଉଁ ବଡ଼ ଷଡ଼ଯନ୍ତ୍ର ? ନବ ଦାସଙ୍କ ଉପରେ ଗୁଳିମାଡ଼ରେ ଏକାଧିକ ଲୋକଙ୍କ ସଂପୃକ୍ତି କି ? ନବଙ୍କ ଛାତିରେ ଗୋପାଳର ଗୁଳି ବାଜିଥିଲା, ନା ଆଉ କାହାର ? ନବ ଦାସ ହତ୍ୟା ମାମଲାର ତଦନ୍ତ ପ୍ରକ୍ରିୟାରେ ରହିଛି କି ଆହୁରି ଅନେକ ଲୁପ୍‌ଫଲ୍ ? କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟ ଦେଇସାରିଥିବା ବେଳେ, କେତେକ ସାଂଘାତିକ ଅଭିଯୋଗ ଆଣିଛନ୍ତି ଅଭିଯୁକ୍ତଙ୍କ ଓକିଲ। ଘଟଣାଦିନ ନବ ପିନ୍ଧିଥିବା ରକ୍ତ ଜୁଡୁବୁଡୁ ଧଳା ସାର୍ଟକୁ କ୍ରାଇମବ୍ରାଞ୍ଚ ଜବତ କରିନଥିବା ସେ କହିଛନ୍ତି। ଖାଲି ସାର୍ଟ ନୁହେଁ, ନବଙ୍କ ଦେହରେ ବାଜିଥିବା ଗୁଳି ଓ ଖୋକା ବି କାଲେ ଜବତ କରିନି ତଦନ୍ତକାରୀ ସଂସ୍ଥା। ଝାରସୁଗୁଡ଼ାରେ ଗୁଳିକାଣ୍ଡ ପରେ ତାଙ୍କୁ ଏୟାରଲିଫ୍ଟ କରି ଭୁବନେଶ୍ୱର ଅଣାଯାଇଥିଲା। ହେଲେ ପରେ କାହିଁକି ତାଙ୍କ ସାର୍ଟ, ଗୁଳି ଓ ଖୋକାକୁ ଜବତ କରାଗଲା ନାହିଁ ?

## ଗାଡ଼ିର ଇନ୍ସ୍ୟୁରାନ୍ସ ନଥିଲେ...

ବିଭିନ୍ନ ଜାତୀୟ ରାଜପଥରେ ଥିବା ସମସ୍ତ ୨୨ଟି ଟୋଲଗେଟରେ ଏହା କାର୍ଯ୍ୟକାରୀ ହେବ ।" ସୂଚନା ଅନୁସାରେ, ରାଜ୍ୟ ପରିବହନ ପ୍ରାଧିକରଣ ଗତ ୨୦୨୨ ମସିହାରୁ ଇ-ଡିଟେକ୍ସନ୍ ଆପ୍ଲିକେସନକୁ ବିକଶିତ କରି ଟୋଲଗେଟ୍ ଦେଇ ଯାତାୟତ କରୁଥିବା ମୋଟରଯାନଗୁଡ଼ିକର ବୈଧ ଇନ୍ସ୍ୟୁରାନ୍ସ, ପଲ୍ୟୁସନ୍ ଓ ଫିଟନେସ୍ ସାର୍ଟିଫିକେଟ୍ ଅଛି କି ନାହିଁ ତାହା ଜାଣିବାକୁ ପଦକ୍ଷେପ ନେଇଥିଲେ । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଟୋଲଗେଟ୍ ସହ ଇ-ଡିଟେକ୍ସନ୍ ଆପ୍ଲିକେସନକୁ ସମ୍ମିଳିତ କରାଇ ପରୀକ୍ଷାମୂଳକ ଭାବେ ଏହାର କାର୍ଯ୍ୟକାରିତା ଯାଂଚ କରିଥିଲେ । ଟୋଲଗେଟ୍ ଦେଇ ଯାତାୟତ କରୁଥିବା ସମସ୍ତ ମୋଟର ଯାନଗୁଡ଼ିକ ଉପରେ ନଜର ରଖିବାକୁ ରାଜ୍ୟ ସରକାର ଏହି ଇ-ଡିଟେକ୍ସନ୍ ପୋର୍ଟାଲକୁ ବିକଶିତ କରିଛନ୍ତି । ଯାହାକି ମୋଟରଯାନର ରେଜିଷ୍ଟ୍ରେସନ ନମ୍ବର ଆଧାରରେ ସରକାରଙ୍କ 'ବାହନ' ପୋର୍ଟାଲକୁ ଯାଂଚ କରି ଗାଡ଼ିର ବୈଧ ଦସ୍ତାବିଜ ଅଛି କି ନାହିଁ ତାହା ଦର୍ଶାଇବ । ଏହାପରେ ଖିଲାପୀ ଗାଡ଼ି ମାଲିକଙ୍କ ନିକଟକୁ ଇ-ଚାଲାଣ(ଜୋରିମାନା) ପଠାଯିବ । ପରିବହନ ବିଭାଗ ସମ୍ପୃକ୍ତ ଖିଲାପୀ ଗାଡ଼ି ମାଲିକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

## କିଏ ହେବ ରାଜ୍ୟ...

ସାରିଥିବାରୁ ଖୁବଶୀଘ୍ର ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ କେନ୍ଦ୍ରୀୟ ନେତୃତ୍ୱ ବାଛିବେ ବୋଲି ଦଳୀୟ ନେତା ଆଶା ରଖିଛନ୍ତି । ଅନ୍ୟପଟେ ଦଳୀୟ ସମ୍ବିଧାନ ଅନୁଯାୟୀ ଜଣେ ବ୍ୟକ୍ତି ୨ଥର ସଭାପତି ହେବାରେ କୌଣସି ଅସୁବିଧା ନାହିଁ ବୋଲି ଖୋଦ୍ ମନମୋହନ କହିବା ପରେ, ସେ ପୁଣି ରିପିଟ୍ ହୋଇପାରନ୍ତି ବୋଲି ଅନୁମାନ କରୁଛନ୍ତି ରାଜନୀତି ସମୀକ୍ଷକ । ଦଳର ସମସ୍ତ ମଣ୍ଡଳ ସଭାପତି ନିର୍ବାଚନ ଶେଷ ହୋଇ ସାରିଥିବା ବେଳେ ବିଭିନ୍ନ ଚର୍ଚ୍ଚା ଆଲୋଚନା ଭିତରେ ଭାରତୀୟ ଜନତା ପାର୍ଟିର ନୂଆ ରାଜ୍ୟ ସଭାପତିଙ୍କ ନାଁ ଘୋଷଣାରେ ବିଳମ୍ବକୁ ନେଇ ସସପେନସ୍ ବି ବଢୁଛି । ତେବେ ପୂର୍ବରୁ ଗତ ୧୫ ତାରିଖ ସୁଦ୍ଧା ଜିଲ୍ଲା ସଭାପତି ନିର୍ବାଚନ ସରିବାକୁ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ସେଥିରେ ମଧ୍ୟ ବିଳମ୍ବ ଘଟୁଛି । ବିଜେପି ନେତ୍ରୀ କୁସୁମ ଟେଟେଙ୍କ କହିବା ଅନୁସାରେ ରାଜ୍ୟ ସଭାପତି ଚୟନରେ ପ୍ରବାସୀ ଭାରତୀୟ ସମ୍ମିଳନୀ ସାମାନ୍ୟ ପ୍ରତିବନ୍ଧକ ସାଜିଥିଲା । ସାଂଗଠନିକ ମୁଖ୍ୟ ମାନେ ସେମାନଙ୍କ ମତାମତ ଦେଇ ସାରିଛନ୍ତି । କେନ୍ଦ୍ରୀୟ ନେତୃତ୍ୱ ଖୁବଶୀଘ୍ର ଯୋଗ୍ୟ ବ୍ୟକ୍ତି ଦେଖି ନାଁ ଘୋଷଣା କରିବେ । ସେପଟେ ଦିଲ୍ଲୀରେ ପାଖାପାଖି ସପ୍ତାହେ ହେବ ଡେରା ପକାଇବା ପରେ ଆଜି ଭୁବନେଶ୍ୱର ଫେରିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ । ଯଦିଓ ନୂଆ ସଭାପତି କିଏ ହେବେ, ସେ ନେଇ ସେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି।

## ୪ ଲକ୍ଷ ଆୟକର ଦାତା ...

କେବଳ ଅଯୋଗ୍ୟ ହିତାଧିକାରୀଙ୍କୁ କାଟିବା ପାଇଁ ଯୋଜନା ଚାଲିଛି। ଇ-କେୱାଇସି ସରିବା ପରେ ନୂଆ ପୋର୍ଟାଲ ଖୋଲିଦେବୁ। ଯେଉଁମାନେ ରାସନ କାର୍ଡ ଆବେଦନ କରିବା କଥା କରିବେ। ୬ ଲକ୍ଷ ଲୋକ ରାସନ କାର୍ଡ ଆବେଦନ କରିଛନ୍ତି, ସେମାନଙ୍କର ମଧ୍ୟ ସର୍ଭେ କରାଯିବ, ତାହା ପରେ ରାସନକାର୍ଡ ଦିଆଯିବ। ପୂର୍ବ ସରକାରରେ ଯାହାକୁ ନାହିଁ ତାକୁ ରାସନ କାର୍ଡ ଦିଆଯାଉଥିଲା। ଏହି ବିଷୟରେ କହିଲେ ତାଙ୍କୁ ଖରାପ ଲାଗୁଛି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିଧାନସଭାର ପ୍ରଶ୍ନକାଳରେ ରାସନ କାର୍ଡ ନେଇ ବିଜେଡି ଉପରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ଯୋଗାଣ ମନ୍ତ୍ରୀ। ସେ କହିଥିଲେ, ପୂର୍ବ ସରକାର ଅମଳରେ ବହୁ ଧନୀ ଲୋକ ବିଜେଡି ନେତାମାନଙ୍କ ଜରିଆରେ ରାସନକାର୍ଡ ହାତେଇଛନ୍ତି। ପୂର୍ବ ସରକାର ସମୟରେ ରାସନ ଡିଲରମାନେ ସବୁ ଖାଇ ଖୋଳ କରି ଦେଇଛନ୍ତି। ଭୋଟ ବେଳେ ସେମାନେ ବିଜେଡି ପାଇଁ ଟଙ୍କା ବାଣ୍ଟୁଥିଲେ। ଯଦି ଏବେ ସେମିତି କେହି ଦୁର୍ନୀତି କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ।

## ୨୦୩୬ ସୁଦ୍ଧା...

ଗସ୍ତ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ, ସିଙ୍ଗାପୁର ଏବଂ ଓଡିଶା ମଧ୍ୟରେ ବଢୁଥିବା ଭାଗିଦାରୀରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନଟ କରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ରାଜ୍ୟ ସରକାର ଏବଂ ସିଙ୍ଗାପୁର ଭିତ୍ତିକ କମ୍ପାନିଗୁଡିକ ମଧ୍ୟରେ ଏମଓୟୁ ବିନିମୟ ହୋଇଛି। ସିଙ୍ଗାପୁର ସରକାରଙ୍କ ସହ ଓଡ଼ିଶା ସରକାରଙ୍କ ଗଜ୍ଜେଟ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଓଡ଼ିଶାରେ ପୁଞ୍ଜି ନିବେଶ ହେବା ସହ ସହରାଞ୍ଚଳ ଯୋଜନା, ବନ୍ଦର ପରିଚାଳନା, ଲଜିଷ୍ଟିକ୍‌ସ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଧିକ ସହଯୋଗର ସମ୍ଭାବନା ସୃଷ୍ଟି ହେବ। ଯାହାକି ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ କରିବାରେ ବେଶ୍ ସହାୟକ ହେବ। ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ନେଇ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଏକ ଏତିହାସିକ ଘଟଣା। ଆଗାମୀ ଦିନରେ ଦେଶର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ଏକ ସମ୍ଭାବନାର ରାଜ୍ୟ। ଏହା ଗ୍ରୋଥ୍ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭିତ୍ତିଭୂମି ସୁଦୃଢ଼ ଏବଂ ରାଜ୍ୟକୁ ନିବେଶ ଆଣିବାକୁ ସରକାର କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମ କହିଛନ୍ତି,ବିକାଶର ଏକ ନୂତନ ପର୍ଯ୍ୟାୟ ପାଇଁ ଓଡ଼ିଶା ପ୍ରସ୍ତୁତ ହୋଇଛି ଏବଂ ଏହା ସକ୍ଷମକାରୀଙ୍କ ଉପରେ କାମ କରିବା ଠାରୁ ଆରମ୍ଭ ହୋଇଛି। ସକ୍ଷମକାରୀମାନେ ଭାରତ ବାୟୋଟେକ୍ ପରି କିଛି ବଡ କମ୍ପାନି ଆଣିଛନ୍ତି।

## ୧୬୧ ଦିନ ପରେ...

କିନ୍ତୁ ପଶ୍ଚିମବଙ୍ଗବାସୀ ବିଶ୍ୱାସ କରୁଛନ୍ତି ଯେ ଏହି ମାମଲାରେ ଏକାଧିକ ଲୋକଙ୍କ ସଂପୃକ୍ତି ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଥମ ୫ ଦିନ କୋଲାକାତା ପୁଲିସ ଏହାର ତଦନ୍ତ କରୁଥିଲେ। ଆଉ ସେହି ୫ ଦିନରେ ପ୍ରମାଣ ନଷ୍ଟ କରାଯାଇଛି। ଆମେ ଚାହୁଁ ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ। ଆରଜି କର ହସ୍‌ପିଟାଲରେ ଘଟିଥିବା ଘଟଣା ପଶ୍ଚିମବଙ୍ଗର ଦୁର୍ବଳ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପର୍ଦ୍ଦାଫାସ କରି ଦେଇଥିଲା। ସେହିପରି ଆରଜି କର ମେଡିକାଲ କଲେଜ ଓ ହସ୍‌ପିଟାଲର ଜଣେ ଜୁନିୟର ଡାକ୍ତର କହିଛନ୍ତି, ଆମେ ପ୍ରଥମ ଦିନରୁ କହି ଆସୁଛୁ ଯେ ତା' (ସଞ୍ଜୟ ରୟ) ଭଳି ଜଣେ ସିଭିକ ପୁଲିସ ସ୍ୱେଚ୍ଛାସେବୀ କିଭଳି ମେଡିକାଲ କଲେଜ ଭିତରକୁ ପ୍ରବେଶ କରିବାକୁ ଅନୁମତି ପାଇଲା ଓ ଏମିତି ଏକ ଅପରାଧ ଘଟାଇଲା। ପ୍ରମାଣକୁ ନଷ୍ଟ କରାଯାଇଛି। ସିବିଆଇ ଚାର୍ଜଶିଟ୍‌ରେ ମଧ୍ୟ ଏହା ଉଲ୍ଲେଖ ଅଛି। ଆମେ ଏବେ ବି ବିଶ୍ୱାସ କରୁ ଯେ ଏହି ଘଟଣା ପଛରେ ଏକାଧିକ ଅପରାଧୀଙ୍କ ହାତ ରହିଛି, ଯେଉଁମାନେ ଏବେ ନିର୍ଭୟରେ ବୁଲୁଛନ୍ତି। ତେଣୁ ସେମାନଙ୍କୁ ଗିରଫ କରାଯାଉ ଓ ଦଣ୍ଡ ଦିଆଯାଉ। ଆମର ଲଢ଼େଇ ଜାରି ରହିବ। କାରଣ ଏପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ଏହା କେବଳ ପ୍ରଥମ ସୋପାନ। ଏହି ଅପରାଧରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ଦଣ୍ଡ ଦିଆନଯିବା ପର୍ଯ୍ୟନ୍ତ ଆମେ ଲଢ଼େଇ ଜାରି ରଖିବୁ।

## ସୂର୍ଯ୍ୟମନ୍ଦିର କାରୁକାର୍ଯ୍ୟ ...

ତ୍ରୟୋଦଶ ଶତାବ୍ଦୀର ଅକ୍ଷୁର୍ଣ୍ଣ ସୂର୍ଯ୍ୟମନ୍ଦିରର ପ୍ରତିକୃତି ବୁଲି ଦେଖିଥିଲେ। ପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସ୍ଥାନୀୟ ଗାଇଡ୍ ତାଙ୍କୁ ସୂର୍ଯ୍ୟମନ୍ଦିରର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ଏନଏସିର ମହିଳାମାନେ ସେମାନଙ୍କୁ ପାରମ୍ପରିକ ହୁଳହୁଳି ଓ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ରଘୁରାଜପୁର ଓ କୋଣାର୍କରେ ୨୧ ପ୍ଲାଟୁନ ଫୋର୍ସ, ୪ ଜଣ ଆଡିସିନାଲ ଏସ୍ପି, ୮ ଜଣ ଡିଏସ୍ପି ସହ ସ୍ପେସିଆଲ ଟାକଟିକାଲ ୟୁନିଟ ମୁତୟନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପସ୍ଥିତ ରହିଥିଲେ। ଡିଆଇଜି ଅଖିଳେଶ୍ୱର ସିଂ, ଆଇଜି ଅନୁପ ସାହୁ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନକ୍ସଲ ସୁଡଙ୍ଗ ଠାବ...

ତେବେ ଯବାନ ଅତି ସତର୍କତାର ସହ ସୁଡଙ୍ଗ ଭିତରେ ପଶିଥିଲେ। ଯବାନ ସୁଡଙ୍ଗରେ ପଶି ଯାହା ଦେଖିଲେ ସେମାନଙ୍କର ହୋସ୍ ଉଡିଯାଇଥିଲା। ସୁଡଙ୍ଗ ଭିତରେ ବୋମା ଓ ବନ୍ଧୁକ ତିଆରି କରିବା କାରଖାନା ମହଜୁଦ ରହିଥିବା କୁହାଯାଉଛି। ନକ୍ସଲ ନୂତନ ଧରଣର ଟେକନିକ ବ୍ୟବହାର କରି ବୋମା ଏବଂ ବନ୍ଧୁକ ତିଆରି କରୁଥିଲେ। ସୁଡଙ୍ଗ ଭିତରେ ବୋମା ତିଆରି କରିବା ପାଇଁ କାଚ ବୋତଲଗୁଡିକ ପଡିଥିଲା। ସେହିପରି ବନ୍ଧୁକ ତିଆରି କରିବା ପାଇଁ ମେସିନ,ବିଦ୍ୟୁତ ତାର ସହ ବହୁ ବୋତଲ ବୋମା ପଡି ରହିଥିଲା। ମାଟି ତଳେ ବହୁ ପରିମାଣର ବିଦ୍ୟୁତ ତାର ଦେଖି ଯବାନ ଆଶ୍ଚର୍ଯ୍ୟ ହୋଇଥିଲେ। ନକ୍ସଲ କିପରି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ସୁଡଙ୍ଗ ତିଆରି କରିବା ସହ ଏତେ ବଡ଼ ବନ୍ଧୁକ କାରଖାନା କରିଥିଲେ।

# ଚୋରା ବାଲି ଚାଲାଣକୁ ବିରୋଧ କରି ରାସ୍ତା ଅବରୋଧ କଲେ ଗ୍ରାମବାସୀ: ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଧର୍ମ ଘଟରୁ ଓହରିଲେ ଗ୍ରାମବାସୀ

ନୀଳଗିରି, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ କାଠପାଳ ଗ୍ରାମ ସୋନ ନଦୀ ଅବ ବହିକାରେ ଥିବା ବାଲି ସୌରତ୍ ରୁ ସରକାର କୋଟି କୋଟି ଟଙ୍କା ରାଜସ ହରାଉଥିବା ବେଳେ ଗ୍ରାମରେ ଥ ିବା ଗୋଚର ଜମି, ଶ୍ମଶାନ ଜମି ଓ୍ ଖେଳ ପଡିଆ କୁ ଚୋରା ବାଲି ମାଫିଆଙ୍କ କବଳ ରୁ ସୁରକ୍ଷା ଦାବିରେ ଶନିବାର ସକାଳ ୭ ଘଟିକାରେ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା ରୋକ କରାଯାଇଥିଲା । କିଛି ସମୟ ପାଇଁ ଜାତାୟାତ କରୁଥିବା ପଥ ଚାରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖା ଯାଇଥିଲା । ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଗ୍ରାମବାସୀ ମାନେ ଅନିର୍ଦ୍ଧିଷ୍ଟ କାଳପାଇଁ ରାସ୍ତା ଅବରୋଧ କରିବେ ବୋଲି ସିଧା ମନ୍ତବ୍ୟ ଦେଇଥିଲେ । ତେବେ ପ୍ରାୟ ଦୁଇ ଘଣ୍ଟା ପରେ ପୋଲିସ, ପ୍ରଶାସନ, ଓ୍ ମାଇନିଙ୍ଗ ଅଧିକାରୀ ଏକ୍ସନ ମୁଡ୍ କୁ ଆସିଥିଲେ । ରାସ୍ତା ଅବରୋଧ କାରୀଙ୍କ ସହିତ କଥା ହେବା ପରେ ସୁନ ନଈ ଭିତରେ ବାଲି ମାଫିଆ ମାନେ ବେ ଆଇନ ଭାବେ ତିଆରି କରିଥିବା ରାସ୍ତା ଓ୍ ପୋଲ କୁ ତାଡ଼ି ମାଟିରେ ମିଶାଇ ଦେଇଛନ୍ତି । ଏବଂ ଚୋରା ବାଲି ଚାଲାଣ ଅଞ୍ଚଳରେ ଆସନ୍ତା କାଲି ଠାରୁ ୧୪୪ ଧାରା ଲାଗୁରାଯିବ ବୋଲି ତହସିଲଦାର ଶ୍ରୀମତୀ ସୋନମ ଦାସ ପ୍ରତିଶୃତି ଦେଇଛନ୍ତି । ପ୍ରଶାସନ ର ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ବାଲି ମାଫିଆ ଙ୍କ ମନରେ ଭୟ ସଂଚାର ହୋଇଛି । ଆଜି କରାଯାଇଥିବା ରାସ୍ତା ରୋକ ସ୍ଥଳୀରେ ନୀଳଗିରି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଏସଡ଼ିପିଓ ସରୋଜ କୁମାର ଉପାଧାୟ, ମାଇନିଙ୍ଗ ଅଫିସର କର୍ମଚାରୀ, ଅଯୋଧା ଓ୍ ନୀଳଗିରି ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି କୁ ଆଖିଆଗରେ ରଖି ଶାନ୍ତି ଶୃଙ୍ଖଳା ରେ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ ।

## ବାଲେଶ୍ୱର ସାଂସଦଙ୍କ ନିର୍ଦ୍ଦେଶରେ ଅଗ୍ନି ବିପନ୍ନଙ୍କୁ ସାହାଯ୍ୟର ହାତ ବଢାଇଲେ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ



ନୀଳଗିରି, ୧୮/୧ (ନି.ପ୍ର): ନୀଳଗିରି ଏନଏସି ଅଧିନ ୧୧ନମ୍ବର ୱାର୍ଡ ଷ୍ଟେସନସାହି ଅଂଚଳର ରଥିଆ ସିଂ ଙ୍କ ପୁଅ ପ୍ରଦୀପଙ୍କ ଘରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ଦୁଇବଖରା ଘରପୋଡ଼ି ପାଉଁଶ ହୋଇଯାଇଥିଲା । ନିଆଁର ଭୟଙ୍କର ପ୍ରକୋପରେ ଘରେ ଥିବା ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଗଲା। ଏହି ଦୁଃଖଦ ଘଟଣା ପାଇବା ପରେ ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ପ୍ରଦୀପଙ୍କ ଘରେ ପହଞ୍ଚି ତମ୍ବୁ, ପିନ୍ଧିବା ଲୁଗା, ଶୀତ ବସ୍ତ୍ର , ଅର୍ଥିକ ସହାୟତା ଯୋଗାଇଦେବା ସହିତ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଅସମୟରେ ଏହି ସାହାଯ୍ୟ ସହଯୋଗ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି ପ୍ରଦୀପ ସିଂ। ଏହି ଅବସରରେ ଏନଏସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ୧୧ ନମ୍ବର୍ ୱାର୍ଡ କାଉନସିଲର ସୁଲଚନା ଖଟୁଆ ଙ୍କ ସମେତ ବାଲେଶ୍ୱର ଯୁବମୋର୍ଚ୍ଚା ଉପ ସଭାପତି ଦେବାଶିଷ ଆଚାର୍ଯ୍ୟ, ପଙ୍କଜ କୁମାର ପଣ୍ଡା, ରୁଦ୍ରେଶ୍ୱର୍ ପାତ୍ର, ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ରୁ ୨୬ ଏକ୍ସପୋ ଓଡ଼ିଶା -୨୦୨୫

ବାଲେଶ୍ୱର ୧୮/୧ ଜାତୀୟ ସ୍ତରୀୟ ଶିଳ୍ପ ଓ ବାଣିଜ୍ୟ ମେଳା ଏକ୍ସପୋ ଓଡ଼ିଶା ମେଳା - ୨୦୨୫ ଶିଳ୍ପ ଓ ବାଣିଜ୍ୟ ସଂଘ ତରଫରୁ ଆସନ୍ତା ୨୧ ତାରିଖ ଠାରୁ ୨୬ ତାରିଖ ଯାଏଁ ୬ଦିନ ବ୍ୟାପି ଆଇ. ଟି .ଆଇ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହାକୁ ଏମ.ଏସ.ଏମ.ଇ, ଡି.ଏଫ.ଓ ,କଟକ ଗଝଗର ମନ୍ତ୍ରଣାଳୟ, ଭାରତ ସରକାର, ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ, ଇଉଉଓ -ଡ.ର ,ନୋସୀର ମିଳିତ ସହଯୋଗରେ ଆୟୋଜନ କରାଯାଉଛି। ଏଥିରେ ମୋଟ ୩୨୦ଟି ଷ୍ଟଲ କରାଯାଇଛି। ଏହି ଷ୍ଟଲ ଗୁଡିକରେ ରାଜ୍ୟ ଓ ରାଜ୍ୟର ବାହାରୁ ବାଣିଜ୍ୟିକ ସଂସ୍ଥା ମାନେ ସେମାନଙ୍କର ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମକୁ ଗଝଗର ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରିବା ସହ ପଦାଧିକାରୀ ଯୋଗ ଦେବାର ଅଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ସମେତ ଓଲିଉଡ ଓ ବଲିଉଡ ଗାୟକ ଓ ଗାୟିକା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘର ସଭାପତି ସଞ୍ଜୟ କୁମାର ଦାସ, ସଂପାଦକ ପ୍ରଣବ କୁମାର ନାୟକ, ଭଗବାନ ଗୁପ୍ତା, ବିଷ୍ଣୁ କୁମାର ମାରୁ, ନୀଳମାଧବ ବିଶ୍ୱାଳ , ଶ୍ରୀମତୀ କ୍ରୀଷ୍ଣା ଦାସ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲ୍ଲାର ସଂସ୍କୃତି ଭବନ ଭିତ୍ତି ପ୍ରସ୍ତର ସ୍ଥାପନ




ଖୋର୍ଦ୍ଧା, ୧୮/୧ (ନି.ପ୍ର): ମାନ୍ୟବର ସାଂସଦ, ଭୁବନେଶ୍ୱର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ କରକମଳରେ ନୂତନ ଜିଲ୍ଲା ସଂସ୍କୃତି ଭବନ, ଖୋରଧା ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ପଡ଼ିବାର କାର୍ଯ୍ୟକ୍ରମ ଉଦ୍ଘାଟନ ସୋଇଯାଇଛି । ୮୮୧୫୮୪୪/-ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲା ସଂସ୍କୃତି ଭବନ, ଖୋର୍ଦ୍ଧା ନିର୍ମାଣ କାର୍ଯ୍ୟକ୍ରମ ପୂର୍ତ୍ତ ବିଭାଗ, ଖୋର୍ଦ୍ଧା ପକ୍ଷରୁ କରାଯାଉଛି । ମୁଖ୍ୟତଃ ଏହା ୫୦୦ ସ୍ୱରବସ୍ଥସଭଶ ବିଶିଷ୍ଟ ଏକ ଅଡ଼ିଟୋରିଅମ ଯାହାକି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଠକ ପାଇଁ ବ୍ୟବହାର କରାଯିବ । ସାଂସ୍କୃତିକ ବିକାଶ କ୍ଷେତ୍ରରେ ଏହା ସହଯୋଗ କରିବ ଓ ବିଭିନ୍ନ ସାଂସ୍କୃତିକ ଦଳ ଙ୍କ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଏହା ଏକ ମୁଖ୍ୟ ମାଧ୍ୟମ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ / ସମ୍ମାନନୀୟା ଅଧକ୍ଷା, ଜିଲ୍ଲା ପରିଷଦ ଖୋର୍ଦ୍ଧା। ରୁପଶ୍ରୀରାଣୀ ଗୁମାନସିଂହ / ସମାନନୀୟ ଅଧକ୍ଷା, ପଞ୍ଚାୟତ ସମିତି, ଖୋର୍ଦ୍ଧା। ଶ୍ରୀମୟୀ ପ୍ରିୟଦର୍ଶିନୀ,/ବିଜେପି ପ୍ରେସିଡେଣ୍ଟ,ଖୋର୍ଦ୍ଧା, ରଶ୍ମି ରଞ୍ଜନ ମହାପାତ୍ର/ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ/ ବିଡ଼ିଓ,କ୍ଷୀରାବ୍ଧି ତନୟା ସାହୁ ବହୁ ସମ୍ମାନନୀୟ /ସମ୍ମାନନୀୟା ଦଳୀୟ ବ୍ୟକ୍ତିତ୍ୱ /ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ/ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଖୋର୍ଦ୍ଧା ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

## ୮୯ତମ କପିଳମୁନି ମହୋତ୍ସବ ପଡ଼ିଆରେ ଆୟୁଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବାଲେଶ୍ୱର, ୧୮/୧ (ନି.ପ୍ର): କପିଳମୁନି ଆଧାତ୍ମିକ ଓ ସାଂସ୍କୃତିକ ଚେତନା ପରିଷଦର ୮୯ତମ ବାର୍ଷିକ ମହୋତ୍ସବର ୫ମ ଦିବସରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣବିଭାଗ ଓ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀଙ୍କ ଆନୁକୂଲ୍ୟରେ କୁଅଁରପୁର ଆୟୁଷଗ୍ରାମ ଦ୍ୱାରା ଏକ ନିଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି । କପିଳମୁନି ପଡ଼ିଆରେ ପରିଷଦ ସହଯୋଗରେ ଅନୁଷ୍ଠିତ ସ୍ୱାସ୍ଥ୍ୟମେଳା ଶିବିରକୁ ପ୍ରାକ୍ତନ ଜିଲ୍ଲା ପଶୁ ଓ ପ୍ରାଣୀଧନ ଡାକ୍ତର ତଥା ମୁନି ପରିଷଦର ସଭାପତି ଡା. ସତ୍ୟନାରାୟଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉକ୍ତ ଉଦ୍‌ଘାଟନ ସଭାରେ ଡାକ୍ତର ରମେଶ ଚନ୍ଦ୍ର ପାଢ଼ୀ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ସଭାପତିତ୍ୱ କରି ଉକ୍ତ ସ୍ୱାସ୍ଥ୍ୟମେଳାର ଆଭିମୁଖ୍ୟ ଅବଗତ କରାଇଥିଲେ। ଆୟୁଷ ବିକାଶ ମଂଚର ସାଧାରଣ ସଂପାଦକ ତଥା ସମାଜସେବୀ ହିମାଂଶୁ ଶେଖର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଘରେଘରେ ପ୍ରାକୃତିକ ଚିକିତ୍ସା ତଥା ଆୟୁର୍ବେଦିକର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ରୂପେ ମାନବ ଅଧିକାର କମିଶନର ଜିଲ୍ଲା ସଂଯୋଜନକ ବିକାଶ କୁମାର ଦାସ, ଡାକ୍ତର ରାଜୀବ କୁମାର ମାଝୀ ଯୋଗଦାନ କରି ଆୟୁର୍ବେଦିକ ଚିକିତ୍ସା ଏକ ପାର୍ଶ୍ୱପ୍ରତିକ୍ରିୟାହୀନ ତଥା ସ୍ୱଳ୍ପ ଖର୍ଚ୍ଚରେ ଚିକିତ୍ସା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ଶିବିରରେ ଡାକ୍ତର ମୋଜାମିଲ୍ ଅଲ୍ଲି, ଡାକ୍ତର ସମୀର ଛାଟୋଇ, ଡା. ନିରୁପମା ଜେନା, ଡାକ୍ତର ନମିତାବାଳା ବାରିକ୍ ୨୦୦ରୁ ଅଧିକ ରୋଗୀଙ୍କର ଚିକିତ୍ସା କରିବା ସହିତ ମଧୁମେହ, ରକ୍ତଚାପ ଆଦି ପରୀକ୍ଷା କରିଥିଲେ। ଆୟୁର୍ବେଦିକ ସହାୟକ ପ୍ରଦୀପ କୁମାର ଶିଅଳ, ଆଦିତ୍ୟ ନାରାୟଣ ମିଶ୍ର, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ପ୍ରଭୃତି ଔଷଧ ବିତରଣ କରିଥିଲେ। ରସାଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଲ୍ୟାବରେଟୋରୀ ସହାୟକ ଇତିଶ୍ରୀ ନାୟକ ରୋଗୀମାନଙ୍କ ରକ୍ତ ପରୀକ୍ଷା କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ରମାକାନ୍ତ ବେହେରା, ସଂପାଦକ ଗଗନବିହାରୀ ବେହେରା, କୋଷାଧକ୍ଷ ଅସିତ୍ କୁମାର ଦାସ, ଯୁଗଳ କିଶୋର ମହଲ, ସଂଜୟ କୁମାର ମହଲ, ରବୀନ୍ଦ୍ର କୁମାର ଘଡ଼େଇ, କୁନା ରଣା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପରିଷଦ ତରଫରୁ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଘାଟନ ମହାସମାରୋହରେ ଏକ କଳସ ଶୋଭାଯାତ୍ରା ରସାଳପୁର ଗ୍ରାମ ପରିକ୍ରମଣ କରିଥିଲେ। ଏହି ଯଜ୍ଞ ୩ ଦିନ ଧରି ଚାଲିବ ବୋଲି ପରିଷଦର ସଭାପତି ସୂଚନା ଦେଇଥିଲେ।

## ହଂସିତା ଓ ଅନିଲଙ୍କ ବଢ଼ିଲା ଅଡୁଆ: ପୁଣି ମାମଲା ରୁଜୁ

ଭୁବନେଶ୍ୱର, ୧୮/୧ (ନି.ପ୍ର): କର୍ପୋରେଟ ଠକ ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କ ପାଇଁ ବଢ଼ିଲା ଅଡୁଆ । ଫେକ ଡକ୍ୟୁମେଂଟ ଦେଇ ପ୍ରସ୍ତୁତ କରିଥିଲେ ପାସପୋର୍ଟ । ଇନଫୋସିଟି ଥାନାରେ ପୋଲିସ ନିଜଆଡୁ ମାମଲା କଲା ରୁଜ୍ଜୁ। ହଂସିତା ଅଭିଲିପ୍ସା ନିଜର ପ୍ରକୃତ ନାମ ବିଷ୍ଣୁ ପ୍ରିୟ ଚାନ୍ଦ ପରିବର୍ତ୍ତନ କରି ଫେକ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ । ବିଷ୍ଣୁପ୍ରିୟ ଚାନ୍ଦରୁ ବନିଥିଲେ ହଂସିତା ଅଭିଲିପ୍ସା । ପ୍ଲାଷ୍ଟିକ ସର୍ଜରୀରେ ମଧ୍ୟ ନିଜର ରୂପକୁ ପରିବର୍ତ୍ତନ କରିଥିଲେ । ୨୦୧୯ ରେ ବିଷ୍ଣୁପ୍ରିୟ ଚାନ୍ଦ ପାସପୋଷ୍ଟ ପ୍ରସ୍ତୁତ ପାଇଁ ଆବେଦନ କରିଥିଲେ । ବିଭିନ୍ନ ଅପରାଧିକ ମାମଲା ଥିବାରୁ ପାସପୋଷ୍ଟ ଆବେଦନ ଖାରଜ ହେଇଥିଲା। ପରେ ୨୦୨୨ ରେ କଲିକତା ଯାଇ ଫେକ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ । ସେଥିରେ ସ୍ୱାମୀ ଅନୀଲ ମହାନ୍ତି ଦର୍ଶାଇଥିଲେ । ନକଲି ଆଧାର କାର୍ଡ ଆସିବା ପରେ ପାନ କାର୍ଡ ପ୍ରସ୍ତୁତ କରିଥିଲେ। ପରେ ପାସପୋର୍ଟ ପାଇଁ ଆବେଦନ କରିଥିଲେ । ହଂସିତା ନାଁରେ କୌଣସି ଅପରାଧୀକ ମାମଲା ନ ଥିବାରୁ ସହଜରେ ପାସପୋର୍ଟ ମିଳିଯାଇଥିଲା । ହଂସିତା ବିଦେଶ ଯାତ୍ରା କରିଥିଲେ । ଠକେଇ ମାମଲାରେ ପୋଲିସ ତଦନ୍ତ ସମୟରେ ସାମ୍ନାକୁ ଆସିଛି ଫେକ ଡକ୍ୟୁମେଂଟରେ ପ୍ରସ୍ତୁତ ପାସପୋର୍ଟ । ଯାହାକୁ ନେଇ ପୋଲିସ ନିଜ ଆଡୁ ଇନଫୋସିଟି ଥାନାରେ ମାମଲା ରୁଜ୍ଜୁ କରିଛି ।

## ବସ୍ତା ବିଡ଼ିଓଙ୍କ ଅଚାନକ କ୍ଷେତ୍ର ପରିଦର୍ଶନ




ବସ୍ତା, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ନୂତନ କରି ଯୋଗ କରିଥିବା ବିଡ଼ିଓ ମିହିର କୁମାର୍ ବେହେରା ଅଚାନକ। ପାଉଁଶକୁଲି ପଞ୍ଚାୟତ ଗସ୍ତରେ ପହଞ୍ଚି, ପାଉଁଶକୁଲି ପଞ୍ଚାୟତ କାର୍ଯ୍ୟାଳୟ ,ପାଉଁଶକୁଲି ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ଥାନୀୟ ଶ୍ରୀନାଥ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ରାଧାନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ଭିତ୍ତିଭୂମି , ନିର୍ମାଣ ଧିନ ପ୍ରକଳ୍ପ, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଇତ୍ୟାଦି ତଦାରଖ କରିଥିବା ବେଳେ, ଆବଶ୍ୟକ ଭିତ୍ତି ଭୂମି ଓ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶିଶିର ସେନାପତି, ସମିତି ସଦସ୍ୟା ଙ୍କ ପ୍ରତିନିଧି କାର୍ତ୍ତିକ ପାତ୍ର, ସମାଜସେବୀ, ବୃନ୍ଦାବନ ପଣ୍ଡା, ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ସହକାରୀ ଯନ୍ତ୍ରୀ ବିକ୍ରମ କୁମାର୍ ଜେନା,କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ପ୍ରାମାଣିକ, ଆୟୁଷ ଡାକ୍ତର ଆଶିଷ କୁମାର ବିଶ୍ୱାଳ, ଫାର୍ମାସିଷ୍ଟ ବିଶ୍ୱଜିତ୍ ପରିଡ଼ା, ଏଡ଼ିଓ ପ୍ରଣବ କୁମାର୍ ପାଳ, ଜିଆରଏସ ବଂଶୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ୱେଷଣ ପକ୍ଷରୁ କମ୍ବଳ ବଣ୍ଟନ




କପ୍ତିପଦା, ୧୮/୧(ନିପ୍ର) - କପ୍ତିପଦା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଅନ୍ୱେଷଣ’ ନୁଦଡିହା ପକ୍ଷରୁ ‘ସ୍ପ୍ରେଡ୍ ଦା ଓାରମ୍ କ୍ୟାମ୍ପେନ୍’ ମାଧ୍ୟମରେ ପନ୍ଦରଶହରୁ ଉର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଶୀତବସ୍ତ୍ର ବା କମ୍ବଳ ମାଗଣା ବଣ୍ଟନ କରାଯାଇଛି । ଗଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏହି କମ୍ବଳ ବଣ୍ଟନ ଅଭିଯାନରେ କପ୍ତିପଦା ବ୍ଲକର ଶରତ, ନଟୋ, ସରଡିହା, ରାଣିପୋଖରୀ, ଲାବଣ୍ୟଦେଇପୁର, ଦେବାନ ବାହାଳୀ, କଳମଗଡିଆ, ରାମଚନ୍ଦ୍ରପୁର, ପଦ୍ମପୋଖରୀ, ମଝିଗଡିଆ ଓ ଶାଳଚୁଆ ପଞ୍ଚାୟତରେ ଥିବା ପ୍ରସୂତି ଓ ଗର୍ଭବତୀ ମାଆମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଂଶୀଧର ବେହେରା, ଗୀତାଞ୍ଜଳୀ ବେହେରା, କେଦାରନାଥ ମହାନ୍ତି ଓ ଘନଶ୍ୟାମ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

## ବେତନଟୀ ରେଞ୍ଜ ଅଧିନ ସମସ୍ତ ଜଳାଶୟ ମାନଙ୍କରେ ପକ୍ଷୀଗଣନା କାର୍ଯ୍ୟକ୍ରମ ଆରମ୍ଭ



ବେତନଟୀ, ୧୮/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଶୁଖିଲାହାର, ଦାନ୍ତିଆମୁହାଁ,ଆମ୍ବଯୋଡା,ବାଉଁଶ ନଇ,ସାରିଆ ବନ୍ଧ ମାନଙ୍କରେ ଏକକାଳୀନ ଆରମ୍ଭ ହୋଇଯାଇଛି। ଏହି ପକ୍ଷୀଗଣନା କାର୍ଯ୍ୟକ୍ରମ ସକାଳ ୭ ଘଟିକାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ ଘଟିକା ବେଳକୁ ସମାପ୍ତ ହୋଇଅଛି। ବନାଞ୍ଚଳ ଅଧିକାରୀ ମନୁଓ୍ୱର ଖାଁଙ୍କ ନେତୃତ୍ୱ ରେ ଏକାଧିକ ଟିମ ବିଭିନ୍ନ ଜଳାଶୟ ତଥା ଆଦ୍ରତା ଭୂମିରେ ବାହାର ଦେଶ ରୁଷିଆ, ୟୁରୋପ, ସାଇବେରିଆ ଅଞ୍ଚଳ ରୁ ଆସିଥିବା ବିଦେଶାଗତ ପକ୍ଷୀମାନଙ୍କର ଗଣନା କରିବା ସହିତ ସେମାନଙ୍କର ଗତିବିଧି ଅନୁଧ୍ୟାନ କରିଛନ୍ତି। ବିଦେଶାଗତ ପକ୍ଷୀ କିଭଳି ସୁରକ୍ଷିତ ରହିପାରିବେ ସେନେଇ ସ୍ଥାନିୟ ଲୋକଙ୍କ ସହିତ ଆଲୋଚନା କରିଛନ୍ତି।ଏହି ପକ୍ଷୀଗଣନା କାର୍ଯ୍ୟକ୍ରମ କିଛିଦିନ ଧରି ଚାଲିବ ବୋଲି ବେତନଟୀ ରେଞ୍ଜ ଅଧିକାରୀ ରେଞ୍ଜର ମନୁଓ୍ୱର ଖାଁ ସୁଚନା ଦେଇଛନ୍ତି।ଏହି ପକ୍ଷୀଗଣନା କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ବାରିପଦା ବନଖଣ୍ଡର ସହକାରୀ ବନ ସଂରକ୍ଷକ ଏସିଏଫ ରବିନାରାୟଣ ମହାନ୍ତି ବଡଯୋଡ ଠାରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବନପାଳ ପ୍ରଶାନ୍ତ ସିଂସାମନ୍ତ, କୃଷ୍ଣଚନ୍ଦ୍ର ପୁର ବନପାଳ ଚିନ୍ତାମଣୀ ମହାପାତ୍ର, ବଡାମପୁର ବନପାଳ ଦୀପକ କୁମାର ପାତ୍ର ଙ୍କ ସମେତ ସମସ୍ତ ବନରକ୍ଷୀ, ପାରାବନ କର୍ମଚାରୀ,ଓଡିଶା ବନାଞ୍ଚଳ ପ୍ରକଳ୍ପ ପର୍ଯ୍ୟାୟ ୨ ର ଜୀବନ ଜୀବିକା ନିହାର ରଞ୍ଜନ ସାମଲ, ରତିକାନ୍ତ ବେଉରା, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ସାମ୍ବାଦିକ ସର୍ବେଶ୍ୱର ମହାନ୍ତ ଙ୍କ ସମେତ ସମସ୍ତ ଗଜସାଥି ପ୍ରମୁଖ ଏହି ପକ୍ଷୀଗଣନା କାର୍ଯ୍ୟକ୍ରମ ରେ ସାମିଲ ହୋଇଛନ୍ତି।

## ଖଣ୍ଡଗିରି ଯାତ୍ରାରେ ବନ୍ଦ ହେବ ଅଶ୍ଳୀଳ ନୃତ୍ୟ

ଭୁବନେଶ୍ୱର, ୧୮/୧ (ନି.ପ୍ର): ଏଥର ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ସମ୍ପୂର୍ଣ୍ଣ ବନ୍ଦ। କେବଳ ୩ ଆର୍ଟିଷ୍ଟ ନୁହେଁ ବରଂ କୌଣସି ଆର୍ଟିଷ୍ଟ ଅଶ୍ଳୀଳ ନୃତ୍ୟ କରିପାରିବେ ନାହିଁ, ଯାତ୍ରା କମିଟି ଏହାକୁ କରାଇ ଦେବ ନାହିଁ ବୋଲି ପ୍ରତିକ୍ରିୟା ରଖିଛନ୍ତି ଯାତ୍ରା ସେଂଟ୍ରାଲ କମିଟି ସମ୍ପାଦକ ପ୍ରମୋଦ କୁମାର ଜେନା। ଲୋକ ପରିବାର ସହ ଦେଖି ପାରିବେ ଯାତ୍ରା ବୋଲି ସେ କହିଛନ୍ତି ।

## ଜିଲ୍ଲାସ୍ତରୀୟ କୃଷିଯନ୍ତ୍ରପାତି ମେଳା-୨୦୨୫



ବାଲେଶ୍ୱର: ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା- କୋଶମ୍ବ- ୨୦୨୫ ସହିତ ମିଳିତ ଭାବେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫ ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ହୋଇଥିଲା । ଏହି ମେଳା ଅନ୍ତର୍ଗତ କୃଷକ କର୍ମଶାଳାକୁ ତା- ୧୪.୦୧.୨୦୨୫ରିଖରେ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀ ସୂର୍ଯ୍ୟବଂଶୀ ମୟୂରବିକାଶ, ଭା.ପ୍ର.ସେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉକ୍ତ କର୍ମଶାଳା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିଲା । ଜିଲ୍ଲାର ୧୨ ଗୋଟି ବ୍ଲକରୁ ୫୦୦ ଜଣ ଚାଷୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । କୃଷକ କର୍ମଶାଳାର ଉଦ୍‌ଯାପନ ଦିବସ ତା- ୧୮.୦୧.୨୦୨୫ରିଖରେ ଶ୍ରୀ ବିଶ୍ୱରଞ୍ଜନ ନାୟକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ଜିଲ୍ଲା ପରିଷଦ ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରିଥିଲେ । କର୍ମଶାଳାରେ ଅଂଶଗ୍ରହଣ କରିଥିବା ଚାଷୀମାନଙ୍କୁ ମେଳାର ଉଦ୍ଦେଶ୍ୟ ତଥା କୃଷି ଯନ୍ତ୍ରପାତିର ଉପାଦେୟତା ସଂପର୍କରେ ସେ ଅବଗତ କରାଇଥିଲେ । ଗ୍ରାମୀଣ ଆର୍ଥିକ ବ୍ୟବସ୍ଥାର ଉନ୍ନତି ନିମନ୍ତେ କୃଷି ହିଁ ଏକମାତ୍ର ଆଧାର ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବାଲେଶ୍ୱର କୃଷି ନିର୍ବାହୀ ଯନ୍ତ୍ରୀ ଡ. ଆଲୋକ ଅଧିକାରୀ କର୍ମଶାଳାର ଚାଷୀମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି ବିଷୟରେ ଆଲୋକପାତ କରିଥିଲେ । ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଶ୍ରୀ ନିରଜ କୁମାର ଜେନା କୃଷିର ବୈଜ୍ଞାନିକ ଜ୍ଞାନ କୌଶଳର ବ୍ୟବହାର ସଂପର୍କରେ ଆଲୋଚନା କରିଥିଲେ । ସହକାରୀ କୃଷି ଯନ୍ତ୍ରୀ ତନ୍ମୟିକା ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ମେଳାରେ ୩୫ଟି ଯନ୍ତ୍ରପାତି ଷ୍ଟଲ ପ୍ରଦର୍ଶିତ ହୋଇଥିଲା ଏବଂ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଏବଂ ପଶୁସମ୍ପଦ, ଶ୍ରୀ ଅନ୍ନ ଅଭିଯାନ ତରଫରୁ ଷ୍ଟଲମାନ ପ୍ରଦର୍ଶିତ କରାଯାଇଥିଲା । କୃଷକ କର୍ମଶାଳାର ଉଦ୍‌ଯାପନ ଦିବସରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯନ୍ତ୍ରପାତି ଷ୍ଟଲର ଡିଲରମାନଙ୍କୁ ଅଂଶଗ୍ରହଣକାରୀ ପ୍ରମାଣପାତ୍ର ପ୍ରଦାନ କରିଥିଲେ । କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଓଡ଼ିଶା କୃଷିଶିଳ୍ପ ନିଗମ ଜିଲ୍ଲା ପରିଚାଳକ ଶ୍ରୀ ଆଶିଷ ସିଂହ, ସହକାରୀ କୃଷିଯନ୍ତ୍ରୀ ସରୋଜ ଧଳ ଅଂଶଗ୍ରହଣ କରିଥିଲେ । ବାଲେଶ୍ୱର ମୃତ୍ତିକା ରସାୟନବିତ୍ତ ଶ୍ରୀ ସମୁଚ୍ଚୟ ବେହେରା, ସହକାରୀ କୃଷି ଅଧିକାରୀ ଶୁଭାମ୍ରା ଭୂୟାଁ, କୃଷି ଅଧିଦର୍ଶକ କାର୍ତ୍ତିକଚନ୍ଦ୍ର ବେହେରା, ଅଜୟ କୁମାର ଗୋଚ୍ଛାୟତ ଏଥିରେ ସହଯୋଗ କରିଥିଲେ ।

## ସରିଲା ପକ୍ଷୀ ଗଣନା: ୫୬ଟି ପ୍ରଜାତିର ପକ୍ଷୀ ଠାବ, ବିରଳ ଲେଶର ହୁଇଲି ଡକ୍ ଚିହ୍ନଟ

ନିଳଗିରି , ୧୮/୧ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ଜାନୁୟାରୀ ମାସରେ କୁଲଡିହା ବନବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଥାଏ। ଚଳିତ ମାସ ୧୮ତାରିଖ ଦିନ କୁଲ୍ଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ୧୫ଜଣରୁ ଅଧିକ କର୍ମଚାରୀଙ୍କୁ ନେଇ ଖୁମକୁଟ, ରଷିଆ, ବୁଗାଳୀ ବନ୍ଧ, ପ୍ରମୁଖ ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ୫୬ପ୍ରଜାତିର ପକ୍ଷୀ ଠାବ କରାଯାଇଛି। ସମୁଦାୟ ୧୦୫୦ଟୀ ପକ୍ଷୀ ଗଣନା କରାଯାଇଛି ବୋଲି ରେଞ୍ଜର ବେହେରା ସୂଚନା ଦେଇଛନ୍ତି। ଖୁମୁଟ୍ ଅଞ୍ଚଳରୁ ୧୮୮ଟି, ରିସିଆ ଅଞ୍ଚଳରୁ ୨୦୬ଟି ଓ ବୁଗାଲି ବନ୍ଧ ରୁ ୬୫୬ଟି ପକ୍ଷୀ ଠାବ କରାଯାଇଛି। ଇଣ୍ଡିଆର ଲେସର୍ ହୁଇସଲ ଡ଼କ ଚିହ୍ନଟ ହୋଇଛି ବୋଲି ବନ ବିଭାଗ ସୂଚନା ଦେଇଛନ୍ତି। ଏହି ପକ୍ଷୀ ଗଣନାରେ ଓଡ଼ିଶା ଓ ୟୁ ଏ ଟି ର ଛାତ୍ରଛାତ୍ରୀ ଅସିତ୍ ପରିଡ଼ା, ନିହରିକା ପ୍ରଧାନ , ପ୍ରତୀକ ରଞ୍ଜିତ, ଟୀ.ଗଣ ନାୟକ ଶ୍ରୀୟାନ୍ କୁମାର ଗୌଡ଼, ରଶ୍ମିରଞ୍ଜନ ସ୍ୱାଇଁ ସାମିଲ ଥିଲେ। ତେବେ ପ୍ରତି ବର୍ଷ ଟୁରିଷ୍ଟ ଗାଇଡ ମୋନରଞ୍ଜନ୍ ଦାସଙ୍କୁ ବିଭାଗ ପକ୍ଷରୁ ସହଯୋଗ କରିବା ପାଇଁ ଚିଠି କରାଯାଇଥାଏ। ମାତ୍ର ଚଳିତ ବର୍ଷ ବନ ବିଭାଗ ପକ୍ଷରୁ ତାଙ୍କୁ କୌଣସି ପ୍ରକାର ସହଯୋଗ ମିଳିନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମନୋରଞ୍ଜନ ଦାସ ବନ ବିଭାଗକୁ ସହଯୋଗ କରିଆସୁଥିବା ବେଳେ ଚଳିତ ବର୍ଷ ତାଙ୍କୁ ପକ୍ଷୀ ଗଣନାରେ ନ ଡାକିବା ପଛରେ କାରଣ କଣ ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida